READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ହଳଦୀପତ୍ରରେ ପିଠାର ମଜା ନିଆରା ...

ବର୍ଷ-୩ ସଂଖ୍ୟା-୪୪ ୧୮ - ୨୪ ନଭେମ୍ବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-44 18th - 24th NOVEMBER, 2019 BHUBANESWAR ₹ 5/- (8 Pages)


ଭୁବନେଶ୍ୱର : ଶିଶୁ ଦିବସ ଅବସରରେ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ନବୋନ୍ମେଷ ବିକାଶର ଆଧାର : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲରେ ଅନ୍ୟ ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କ ସହିତ ଏକାଦଶ ବ୍ରିକ୍ସ ଶିଖର ସମ୍ମିଳନୀର ପୂର୍ଣ୍ଣକାଳୀନ ଅଧିବେଶନକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ ଚଳିତ ଥର ଏହି ଶିଖର ସମ୍ମିଳନୀର ମୁଖ୍ୟ ବିଷୟ 'ଅଭିନବ ଭବିଷ୍ୟତ ଲାଗି ଆର୍ଥିକ ବିକାଶ' ଅତ୍ୟନ୍ତ ପ୍ରାସଙ୍ଗିକ କାରଣ ନବୋନ୍ମେଷ ଆମ ବିକାଶର ଆଧାର ହୋଇସାରିଛି। ସେ ନବୋନ୍ମେଷକୁ ପ୍ରୋତ୍ସାହନ ଦେବା ଲାଗି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଜୋର ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ ଯେ 'ଏବେ ଆମକୁ ବ୍ରିକ୍ସ ରାଷ୍ଟ୍ରମାନଙ୍କ ମଧ୍ୟରେ ଆପୋସ ସହଯୋଗ ବୃଦ୍ଧି



କରିବା ଦିଗରେ ବିଚାର କରିବାକୁ ହେବ ଏବଂ ପରବର୍ତ୍ତି ଦଶ ବର୍ଷ ମଧ୍ୟରେ ଏହା ଅଧିକ ପ୍ରଭାବୀ ହେବା ଉଚିତ।' ସେ ଏଥିପ୍ରତି ମଧ୍ୟ ଆଲୋକପାତ କରିଥିଲେ ଯେ ଅନେକ କ୍ଷେତ୍ରରେ ସଫଳତା ସତ୍ତ୍ୱେ କେତେକ କ୍ଷେତ୍ରରେ ଆହୁରି ଅଧିକ ପ୍ରୟାସ କରିବାର ଯଥେଷ୍ଟ ସୁଯୋଗ ରହିଛି। ପ୍ରଧାନମନ୍ତ୍ରୀ ଆପୋସ ବ୍ୟବସାୟ ଓ ନିବେଶ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଆହ୍ୱାନ କରି କହିଥିଲେ ଯେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ବ୍ୟବସାୟ ବିଶ୍ୱର ମୋଟ ବ୍ୟବସାୟିକ କାରବାରର ମାତ୍ର ୧୫ ପ୍ରତିଶତ ହୋଇଥିବା ବେଳେ ବ୍ରିକ୍ସ ଦେଶରେ ବିଶ୍ୱର ମୋଟ ଜନସଂଖ୍ୟାର ୪୦ ପ୍ରତିଶତରୁ ଅଧିକ ଲୋକ ରହୁଛନ୍ତି। ➤ ପୃ-୬

## ପହିଲାରୁ ପୁଣି ଟ୍ରାଫିକ କଟକଣା



**ଭୁବନେଶ୍ୱର :** ଡିସେମ୍ବର ୧ ତାରିଖରୁ ପୁଣି ପୂର୍ବ ଭଳି ଟ୍ରାଫିକ୍ ନିୟମ କଡାକଡି ହେବ। ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଯେଉଳି ଭାବେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ କଡା ଯାଞ୍ଚ ହେଉଥିଲା, ପୁଣି ସେଭଳି ଯାଞ୍ଚ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମୋଟର ଯାନ ଆଇନ ଲାଗୁ ନେଇ ଚାଲିଥିବା ଧରପଗଡ ଉପରେ ଯେଉଁ ୩ ମାସ କୋହଳ ଲାଗି ନିର୍ଦ୍ଦେଶ ଦେଇଥିଲେ, ଇତିମଧ୍ୟରେ ତାହା ଶେଷ ହେବାକୁ ଯାଉଛି। ଫଳରେ ରାଜ୍ୟରେ ପୁଣି କଡାକଡି ହେବ ଟ୍ରାଫିକ କଟକଣା। ଡିସେମ୍ବର ୧ ତାରିଖରୁ ଟ୍ରାଫିକ ନିୟମ କଡାକଡି ଭାବେ ପାଳନ କରାଯିବ। ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କଲେ ନୂଆ ମୋଟରଯାନ ଆଇନ ଅନୁସାରେ ଜରିମାନା ଆଦାୟ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ନୂଆ ମୋଟର ଯାନ ଆଇନ ଲାଗୁ ପରେ ଟ୍ରାଫିକ୍ ନିୟମ କଡାକଡି ହେବା ପରେ ଏ ନେଇ ଜନସାଧାରଣ ସମ୍ପୂର୍ଣ୍ଣ ଅବଗତ ନଥିବା ହେତୁ ବିଭିନ୍ନ ସ୍ଥାନରେ ଜନଅସନ୍ତୋଷ ଦେଖା ଦେଇଥିଲା। ଖୋଦ ରାଜଧାନୀ ଭୁବନେଶ୍ୱରରେ ପବ୍ଲିକ-ପୋଲିସ ମୁହାଁମୁହିଁ ହୋଇଥିଲେ। ଏହାକୁ ବିଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଞ୍ଚ କୋହଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ୩ମାସ ଧରି ଟ୍ରାଫିକ ନିୟମକୁ ➤ ପୃ-୬

## ବିଜୁ ଯୁବ ବାହିନୀ : ବର୍ଷକରେ ୧୦୦ କୋଟି ଖର୍ଚ୍ଚ

**ଭୁବନେଶ୍ୱର :** ମାତ୍ର ଗୋଟିଏ ବର୍ଷ ତଳେ ଆରମ୍ଭ ହୋଇଥିଲା ବିଜୁ ଯୁବ ବାହିନୀ। ଏହି ଗୋଟିଏ ବର୍ଷରେ ବିଜୁ ଯୁବ ବାହିନୀ ପାଇଁ ଖର୍ଚ୍ଚ ହୋଇଛି ଶହେକୋଟି ଟଙ୍କା। ବିଧାନସଭାରେ ଏଭଳି ତଥ୍ୟ ରଖିଛନ୍ତି ଖୋଦ ବିଭାଗୀୟ ମନ୍ତ୍ରୀ। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମରେ ମୋଟ ୧୦୦ କୋଟି ୯୩ ଲକ୍ଷ ୮୭ ହଜାର ୭୫୨ ଟଙ୍କା ଖର୍ଚ୍ଚ ହୋଇଛି। ଚଳିତ ବର୍ଷ ବର୍ତମାନ ସୁଦ୍ଧା ୩ କୋଟି ୯୩ ଲକ୍ଷ ୭୪ ହଜାର ୨୬୦ ଟଙ୍କା ଖର୍ଚ୍ଚ ହୋଇଛି । କିନ୍ତୁ ଏହି କାର୍ଯ୍ୟକ୍ରମରେ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ନାହିଁ କି ଆଗାମୀ ଦିନରେ ଏଥିରେ ନିଯୁକ୍ତି ପ୍ରଦାନ ନିମନ୍ତେ କୌଣସି ଯୋଜନା ନାହିଁ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ କହିଛନ୍ତି। ବିଜେପି




ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ତାରକା ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ବେହେରା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସାମାଜିକ ସେବା କାର୍ଯ୍ୟକ୍ରମରେ ୨୨ କୋଟି ୯୫ ଲକ୍ଷ ୮୦ ହଜାର ୯୪୭ ଟଙ୍କା, 'ମୁଁ ହିରୋ' କାର୍ଯ୍ୟକ୍ରମରେ ୧୯ କୋଟି ୩୫ ଲକ୍ଷ ୮୩ ହଜାର ୪୫୫ ଟଙ୍କା, କ୍ରୀଡ଼ା ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ୩୭ କୋଟି ୨୮ ଲକ୍ଷ ଟଙ୍କା, ବିଭିନ୍ନ କ୍ରୀଡ଼ାର ଆୟୋଜନ ବାବଦରେ ୩ କୋଟି ୩୮ ଲକ୍ଷ ୨୦ ହଜାର ଟଙ୍କା ଓ ବିଭିନ୍ନ ଯୁବ ସମାବେଶମାନ ଆୟୋଜନ ବାବଦରେ ୧୭ କୋଟି ୯୬ ଲକ୍ଷ ୩ ହଜାର ୩୫୦ ଟଙ୍କାକୁ ମିଶାଇ ସମୁଦାୟ ୧୦୦ କୋଟି ୯୩ ଲକ୍ଷ ୮୭ ହଜାର ୭୫୨ ଟଙ୍କା ଖର୍ଚ୍ଚ ହୋଇଛି। ମନ୍ତ୍ରୀ ଶ୍ରୀ ବେହେରା ତାଙ୍କର ଦୀର୍ଘ ଉତରରେ ➤ ପୃ-୬

## ବକ୍ରବାଣୀ



ମାଗଣା ଯୋଜନା ବାଣ୍ଟିବା ପାଇଁ
ଆଜି ସର୍କାର ପାଖେ ମାଲ୍ ନାହିଁ
ମାଲ୍ ବିକି ମାଲ୍ ପାଇବେ ଯେବେ
ଗରିବୀ ହଠିବ ରାଇଜୁ ତେବେ
ମଦ ପେଇକରି ସୁନାମ ନେବେ
ମଦ ବେପାରୀକୁ ପ୍ରାଇଜ୍ ଦେବେ
ରୋଗ ବଇରାଗ ଛାଡ଼ିବ ସବୁ
ସତେଜ ଦିଶିବେ ମଦୁଆ ବାବୁ
ସତେକି ଏମିତି ଦିନ ଆସିବ
ଗାଆଁ ଦାଣ୍ଡେ ଖାଲି ମଦ ଭାସିବ।

— ଟୁଟୁ

## ମୋ ସ୍କୁଲ ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର :** ରାଜ୍ୟ ସରକାର ଆରମ୍ଭ କରିଥିବା ମୋ' ସ୍କୁଲ ଅଭିଯାନ ୨ୟ ବର୍ଷ ପୂରଣ କରିଛି। ଶିକ୍ଷାନୁଷ୍ଠାନ ଅଭିବୃଦ୍ଧିରେ ପୁରାତନ ଛାତ୍ରଛାତ୍ରୀ ହେଉଛନ୍ତି ଚାବିକାଠି। ପୁରାତନ ଛାତ୍ରଛାତ୍ରୀମାନଙ୍କ ଭାଗିଦାରୀତା ବଢ଼ାଇବା ଲାଗି ମୋ' ସ୍କୁଲ ଭଳି ଅଭିଯାନର ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଛାଡ଼ିଦେଲେ ଏମିତି କେହି ନାହାନ୍ତି ଯିଏ ବିଦ୍ୟାଳୟ ପ୍ରତି ଅଧିକ ଯତ୍ନଶୀଳ ବା ସଚେତନ ଥିବ। ନୂଆ ଓଡ଼ିଶା ଲାଗି ପରିବର୍ତ୍ତନରେ ସାମିଲ ହେବାକୁ ପୁରାତନ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଗତ ଦୁଇବର୍ଷ ଧରି ଏହାର ଅଭୁତପୂର୍ବ ସଫଳତା ଆମ ବିଶ୍ୱାସକୁ ଦୃଢ଼ୀଭୂତ କରିଛି। ଏହି ଅଭିଯାନ ଆଗାମୀ ଦିନରେ ଆମର ଶିକ୍ଷା ବ୍ୟବସ୍ଥାର ରୂପକୁ ପରିବର୍ତ୍ତନ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକଟ କରିଛନ୍ତି। ଏହାସହ ଆଗାମୀ ପିଢ଼ି ପାଇଁ ଏକ କର୍ତ୍ତବ୍ୟ ଭାବେ 'ମୋ ସ୍କୁଲ'ର ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଛନ୍ତି। 'ମୋ ସ୍କୁଲ' ଅଭିଯାନର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏକ ମଜଭୁତ ଓ ଜୀବନ୍ତ ଶିକ୍ଷା ବ୍ୟବସ୍ଥା ବିକାଶର ଏକମାତ୍ର ମାର୍ଗ। ସାମୁହିକ ଦାୟିତ୍ୱ ଦ୍ୱାରା ଏହାକୁ ହାସଲ କରିହେବ। ଏ ଦିଗରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପଡ଼ିବ। ବିଶ୍ୱରେ ଥିବା ସମସ୍ତ ପ୍ରମୁଖ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତାରେ ଆଗକୁ ବଢ଼ିଛନ୍ତି। ଏମ୍ଆଇଟି, ହାର୍ଭର୍ଡ ବିଶ୍ୱବିଦ୍ୟାଳୟର ଉଦାହରଣ ନିଆଯାଉ, ବିଶ୍ୱସ୍ତରୀୟ ଗବେଷଣା ଏବଂ ଶିକ୍ଷା ମାନଦଣ୍ଡରେ ଏହି ସଂସ୍ଥା ଆଗରେ ରହିଛନ୍ତି। ତେବେ ଏହି ଅଭିବୃଦ୍ଧି ପଛରେ ➤ ପୃ-୬

### ଦ୍ୱୈତନଗରୀରେ ବଢୁଛି ସଡ଼କ ଦୁର୍ଘଟଣା

## ପାଟ୍ରୋଲିଂ ଆରମ୍ଭ

**ଭୁବନେଶ୍ୱର :** ରାଜ୍ୟରେ ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ ପରିଚାଳନାରେ ସୁଧାର ଆଣିବା ଲାଗି ରାଜ୍ୟ ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ହାଇୱେ ପାଟ୍ରୋଲିଂ ଓ ଟ୍ରାଫିକ ପରିଚାଳନା ବ୍ୟବସ୍ଥା। ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ୪ଲାଇନରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ସମୟରେ ରାଜ୍ୟରେ ଥିବା ସମସ୍ତ ହାଇୱେ ବା ଜାତୀୟ ରାଜପଥରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ପୁଲିସ ଡିଜି ବିଜୟ କୁମାର ଶର୍ମା ଟ୍ୱିଟ୍ ମାଧ୍ୟମରେ ଜଣାଇଛନ୍ତି। ଡିଜିପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ଜାତୀୟ ରାଜପଥରେ ପୁଲିସ ଯାଞ୍ଚ ବ୍ୟବସ୍ଥା ନଥିବାରୁ ଗାଡ଼ି ଚାଳକମାନେ ବେପରୁଆ ଢଙ୍ଗରେ ଯିବା ଆସିବା କରିଥାନ୍ତି। ଫଳରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ଜାତୀୟ ରାଜପଥରେ ଟ୍ରାଫିକ ଓ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଲାଇନ ଅର୍ଥାତ ଭୁବନେଶ୍ୱର-ପୁରୀ, ଭୁବନେଶ୍ୱର-ବାଲେଶ୍ୱର, ମଙ୍ଗୁଳି-ଅନୁଗୁଳ ଓ ସମ୍ବଲପୁର-ରାଉରକେଲା ରାସ୍ତାରେ ଏହା କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ହାଇୱେରେ କାର୍ଯ୍ୟକାରୀ କରାଯିବ। ସେହିପରି ଦୁର୍ଘଟଣା ରୋକିବାକୁ ମାନ୍ୟବର ସୁପ୍ରିମକୋର୍ଟ କଡ଼ା ତାଗିଦ କରିଛନ୍ତି। ବର୍ଷକୁ ୨୦ ପ୍ରତିଶତ ଦୁର୍ଘଟଣା ହାର କମାଇବାକୁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ହ୍ରାସ ପାଇଁ ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି। ଲୋକଙ୍କୁ ସଚେତନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ଏହା ସତ୍ତ୍ୱେ ମଧ୍ୟ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଦୁର୍ଘଟଣା ସହିତ ➤ ପୃ-୬

### ଅଲିଭ୍ ରିଡ୍‌ଲେ ସୁରକ୍ଷା ଚିନ୍ତା; ଟ୍ରଲର ଚଳାଚଳ ଉପରେ କଟକଣା

## ମତ୍ସ୍ୟଜୀବୀ ପରିବାରକୁ ମିଳିବ ସହାୟତା

**ଭୁବନେଶ୍ୱର:** ଶୀତ ଋତୁ ଆଗମନ ପରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବାର ସମୟ ହୋଇଥିବା ବେଳେ ସେମାନଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସମୁଦ୍ର ଭିତରକୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି ହୋଇଛି। ଚଳିତ ନଭେମ୍ବର ୧ରୁ ୨୦୨୦ ମେ' ୩୧ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଟ୍ରଲର୍ ଚଳାଚଳ ଉପରେ କଟକଣା ଲାଗିଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଓ ସେମାନଙ୍କର ସୁରକ୍ଷା ସମ୍ପର୍କରେ କେତେଗୁଡ଼ିଏ ଜରୁରୀ ପଦକ୍ଷେପ ନିଆଯାଇଛି। କଇଁଛ ସୁରକ୍ଷା କରି ଏହାକୁ ଓଡ଼ିଶାର ଆଧୁନିକ ପରିଚୟ ରୂପେ ଗଢ଼ି ତୋଳିବାକୁ ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି। ବୈଠକରେ ଅଲିଭ୍ ରିଡ୍‌ଲେ ଅଣ୍ଡା ଦେଉଥିବା ତିନୋଟି ମୁହାଣ ଯଥା- ଧାମରା, ଦେବୀ ଓ ଋଷିକୁଲ୍ୟା ନିକଟରେ ସମୁଦ୍ର ଭିତରକୁ ୨୦



କିଲୋମିଟର ପର୍ଯ୍ୟନ୍ତ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶେଷକରି ୩୦ ହର୍ସ ପାୱାର ଏବଂ ତଦୁର୍ଦ୍ଧ୍ୱ ପାୱାର ଟ୍ରଲରକୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଥିବା ପିସିସିଏଫ୍ ସନ୍ଦୀପ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ଏହି କଟକଣା ଅବଧି ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୮ ହଜାର ମତ୍ସ୍ୟଜୀବୀ ପରିବାରଙ୍କୁ ୭୫୦୦ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ତେବେ ପାରମ୍ପରିକ ପଦ୍ଧତିରେ ବିନା ପାୱାରବୋଟରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ଅଯଥା ହଇରାଣ ନକରିବା ଓ କଇଁଛଙ୍କ ପ୍ରତି ପ୍ରକୃତ ବିପଦ ସୃଷ୍ଟି କରୁଥିବା ଅପରାଧୀଙ୍କୁ ଦଣ୍ଡିତ କରିବାକୁ ମୁଖ୍ୟ ଶାସନ ସଚିବ ସମୁଦ୍ର ଉପକୂଳରେ ପାଟ୍ରୋଲିଂ କରୁଥିବା ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡିଆରଡିଓର ଟେଷ୍ଟ ରେଞ୍ଜ, ଗୋପାଳପୁର ଓ ପାରାଦୀପ ବନ୍ଦର ➤ ପୃ-୬



EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ରାଜନୀତି କ୍ଷେତ୍ରରେ ସଫଳ ପାଇବେ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ।

**ମିଥୁନ** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**କର୍କଟ** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ସିଂହ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ବ୍ୟବସାୟରେ ଉନ୍ନତି ଲାଭ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ।

**କନ୍ୟା** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।


**ବିଛା** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ଧନୁ** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**କୁମ୍ଭ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ମୀନ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ରାଫେଲ ଯୁଦ୍ଧ ବିମାନ କ୍ରୟ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ

# ପୁନଃସମୀକ୍ଷା ଆବେଦନ ଆଧାରହୀନ

**ନୂଆଦିଲ୍ଲୀ, (ପିଆଇବି):** ୩୬ଟି ରାଫେଲ ଯୁଦ୍ଧ ବିମାନ କ୍ରୟର ତଦନ୍ତ କରିବାକୁ ଆଗତ ଏକ ମାମଲାରେ ୧୪ ଡିସେମ୍ବର, ୨୦୧୮ରେ ମାନ୍ୟବର ସୁପ୍ରିମକୋର୍ଟ ଏକ ସ୍ପଷ୍ଟ ରାୟ ଦେଇଥିଲେ। ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଆଗତ ଏକାଧିକ ପୁନଃସମୀକ୍ଷା ଆବେଦନକୁ ଆଧାରହୀନ ବୋଲି ଆଜି ରାୟ ଦେଇ ନିର୍ଦ୍ଦିଷ୍ଟ ଭାବେ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏଥିସହିତ ପ୍ରତିରକ୍ଷା କ୍ରୟ ପ୍ରକ୍ରିୟା ଉପରେ ସନ୍ଦେହ ଏବଂ ପ୍ରଶ୍ନବାଚୀ ସୃଷ୍ଟି କରାଯାଇ ଭାରତୀୟ ସେନାର ମନୋବଳକୁ ପ୍ରଭାବିତ କରିବା ଲାଗି ହେଉଥିବା ଉଦ୍ୟମର ଅନ୍ତ ଘଟିଛି। ୧୪ ନଭେମ୍ବର ୨୦୧୯ରେ ଆସିଥିବା ରାୟରେ ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଛନ୍ତି ଯେ ପୁନଃଆବେଦନ ମାମଲାଗୁଡ଼ିକର କୌଣସି ଅଧାର ନଥିବାରୁ ସେଗୁଡ଼ିକୁ ଖାରଜ କରାଯାଉଛି। ପୁନଃସମୀକ୍ଷା ଆବେଦନଗୁଡ଼ିକୁ ଖାରଜ କରି ଆବେଦନକାରୀଙ୍କ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ "ଆବେଦନକାରୀମାନେ ପ୍ରତିରକ୍ଷା ଚୁକ୍ତିର ପ୍ରତ୍ୟେକ ଦିଗକୁ ବିବେଚନା କରିବା ଲାଗି ନିଜକୁ ପୁନର୍ବିଚାର କର୍ତ୍ତୃପକ୍ଷ ଭାବେ ଉପସ୍ଥାପନ କରୁଥିଲେ ଏବଂ ଅଦାଲତ ସେପରି କରନ୍ତୁ ବୋଲି ଚାହୁଁଥିଲେ।" ଏପରି କ୍ଷେତ୍ରାଧିକାର ପ୍ରୟୋଗ କରାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଜୋର ଦେଇ କହିଛନ୍ତି। ନିଷ୍ପତି ପ୍ରକ୍ରିୟାକୁ ଯଥାର୍ଥ ବୋଲି ଦର୍ଶାଇବା ସହ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ "ସମସ୍ତ ଦିଗ ପ୍ରତି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବିଚାର କରିଛନ୍ତି ଏବଂ ଭିନ୍ନ ଭିନ୍ନ ମତକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ନିଷ୍ପତି ପ୍ରକ୍ରିୟାରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇବା ସ୍ୱାଭାବିକ। ତେବେ ଚୁକ୍ତିରେ ଅନୁବନ୍ଧିତ ହେବା ପୂର୍ବରୁ ଯଦି ପ୍ରତ୍ୟେକ ଭିନ୍ନ ଭିନ୍ନ ମତକୁ ଗୁରୁତ୍ୱ ଦିଆଯିବ ତା'ହେଲେ ଏହା ନିଷ୍ପତି ନେବାର ପ୍ରକ୍ରିୟାରେ ବିତର୍କର ଉଦ୍ଦେଶ୍ୟକୁ ବିଫଳ କରିବ।" ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଆହୁରି ବିସ୍ତୃତ ଭାବେ ଦର୍ଶାଇଛନ୍ତି ଯେ "ନିଃସନ୍ଦେହରେ ନିଷ୍ପତି ନେବାର ପ୍ରକ୍ରିୟାରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ତେବେ ନିଆଯାଇଥିବା ନିଷ୍ପତି ଏହାଠାରୁ



ଭିନ୍ନ ହୋଇଛି। ପ୍ରତ୍ୟେକ ନିଷ୍ପତି ନେବାର ପ୍ରକ୍ରିୟାରେ ବିତର୍କ ଏବଂ ବିଶେଷଜ୍ଞଙ୍କ ମତାମତ ନିଆଯାଇଥାଏ, କିନ୍ତୁ ଚୁଡ଼ାନ୍ତ ନିଷ୍ପତି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ନେଇଥାନ୍ତି। ନିଷ୍ପତି ନେବାର ପ୍ରକ୍ରିୟା, ମୂଲ୍ୟ ଏବଂ ଅଫସେଟ ଉପରେ ୧୪.୧୨.୨୦୧୯ରେ ଆମେ ଦେଇଥିବା ରାୟରେ ଆମେ ବିସ୍ତୃତ ଭାବେ ସମସ୍ତ ପକ୍ଷର ଯୁକ୍ତିକୁ ଅନୁଧ୍ୟାନ କରିଛୁ। ଯୁଦ୍ଧ ବିମାନର ଆବଶ୍ୟକତା ଏବଂ କ୍ରୟ ପ୍ରକ୍ରିୟାରେ ବିଳମ୍ବକୁ ଅଦାଲତ ହୃଦବୋଧ କରିବା ସହିତ ରାୟରେ ପ୍ରକାଶ କରିଥିଲେ ଯେ "ଆମେ ଯୁଦ୍ଧବିମାନ କ୍ରୟ ଚୁକ୍ତି ପ୍ରସଙ୍ଗକୁ ଅଣଦେଖା କରିପାରିବୁ ନାହିଁ। ଏହା ଦୀର୍ଘ ସମୟ ଧରି ବିଭିନ୍ନ ସରକାରଙ୍କ ଅମଳରେ ପଡ଼ିରହିଥିଲା। ଏହି ଯୁଦ୍ଧ ବିମାନ କ୍ରୟ ଯେ ଜରୁରି, ଏହାକୁ ନେଇ କୌଣସି ବିବାଦ ନାହିଁ।" ମୂଲ୍ୟ ପ୍ରସଙ୍ଗରେ ଅଦାଲତ ସରକାରଙ୍କ ସ୍ଥିତିକୁ ସଠିକ ବୋଲି ଦର୍ଶାଇବା ସହ ପୂର୍ବ ଚୁକ୍ତି ଅପେକ୍ଷା ଏହି ଚୁକ୍ତିରେ ଯୁଦ୍ଧ ବିମାନର ମୂଲ୍ୟ କମ ବୋଲି ଦର୍ଶାଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ କହିଥିଲେ ଯେ "ଯୁଦ୍ଧ ବିମାନର ପ୍ରାରମ୍ଭିକ ମୂଲ୍ୟ ଅପେକ୍ଷାକୃତ କମ। ତେବେ ଏହି ଯୁଦ୍ଧବିମାନରେ କେଉଁ ଯୁଦ୍ଧାସ୍ତ୍ର ସଂଯୋଗ କରାଯିବ ଏବଂ ଏହାର ମୂଲ୍ୟ କେତେ ଅଧିକ ହେବ ସେ ବିଚାର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଉପରେ ଛାଡ଼ି ଦିଆଯିବା ଉଚିତ। ମାମଲା ରୁଜୁ କରାଯିବା, ସିବିଆଇ ଦ୍ୱାରା ତଦନ୍ତ କରାଯିବା ଏବଂ ନ୍ୟାୟପାଳିକା ଦ୍ୱାରା ଆଗୁଆ ଚୁକ୍ତିର ସମୀକ୍ଷା କରାଯିବା ଲାଗି ପୁନଃସମୀକ୍ଷା ଆବେଦନରେ ହୋଇଥିବା ଅନୁରୋଧ ପ୍ରସଙ୍ଗରେ ଅଦାଲତ ରାୟ ଦେଇଥିଲେ ଯେ "ଏହାକୁ ଏକ ନିରପେକ୍ଷ ଦଲିଲ ବୋଲି ଆମେ ବିବେଚନା କରୁନାହୁଁ, କାରଣ ଆବେଦନକାରୀଙ୍କ ଓକିଲଙ୍କ ସମେତ ସମସ୍ତ ଓକିଲ ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ଦଲିଲ ଉପସ୍ଥାପନ କରିସାରିଛନ୍ତି। ତେବେ ମାମଲା ରୁଜୁ କରି ପୁନଃ ତଦନ୍ତ ପାଇଁ ହୋଇଥିବା ଆବେଦନର କୌଣସି ଆଧାର ନଥିବାରୁ ଏପରି କୌଣସି ଆଦେଶ ଦେବା ଅଦାଲତଙ୍କ ପକ୍ଷେ ଅନୁପଯୁକ୍ତ ହେବ। ୧୪ ଡିସେମ୍ବର, ୨୦୧୮ରେ ପ୍ରକାଶ ପାଇଥିବା ରାୟର ଅନୁଚ୍ଛେଦ ୨୫ରେ ରହିଥିବା ତ୍ରୁଟି ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ଏହା ହିଁ ଆବେଦନକାରୀମାନଙ୍କୁ ପୁନଃସମୀକ୍ଷା ଆବେଦନ ପାଇଁ ପ୍ରମୁଖ ଆଧାର ଦେଇଥିଲା।

## ନିଜ ଦରମାରେ ଅସନ୍ତୁଷ୍ଟ ୭୫% ଲୋକ : ସର୍ଭେ

**ନୂଆଦିଲ୍ଲୀ :** ଭାରତରେ ଚାକିରି କରିବା ଏକ ବାଧ୍ୟବାଧକତାରେ ପରିଣତ ହୋଇଛି। ଦେଶର ଅଧିକାଂଶ ଲୋକ ନିଜନିଜର ଚାକିରିକୁ ନେଇ ସନ୍ତୁଷ୍ଟ ରହିଥିବା ସତ୍ତ୍ୱେ ସେମାନଙ୍କ ବେତନ ବା ଦରମାକୁ ନେଇ ଆତ୍ମସନ୍ତୁଷ୍ଟ ନାହାନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ମନ୍ଷ୍ଟର ସାଲେରୀ ଇଣ୍ଡେକ୍ସ ରିପୋର୍ଟରେ ଏହି ଦାବି କରାଯାଇଛି ଯେ, ଭାରତରେ ୭୫ ପ୍ରତିଶତ ଲୋକ ନିଜ ଦରମାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଏ ପରିସ୍ଥିତିରେ ଭାରତରେ ଦରମାକୁ ନେଇ ନିରାଶଜନକ ଭାବନା କ୍ରମାଗତ ରୂପେ ବଢ଼ିଚାଲିଛି। ରିପୋର୍ଟରେ କୁହାଯାଇଛି ଯେ, ନିର୍ମାଣ, ବୈଷୟିକ ପରାମର୍ଶ, ସ୍ୱାସ୍ଥ୍ୟସେବା, ସମାଜସେବା, ପ୍ରଯୁକ୍ତିବିଦ୍ୟା ସେବା, ଆଇନ ଏବଂ ବିପଣନ ପରାମର୍ଶ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ନିଜ ଚାକିରି ଓ ଦରମାକୁ ନେଇ ଆଦୌ ଖୁସି ନାହାନ୍ତି। ମାତ୍ର ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରରେ କାର୍ଯ୍ୟରତ ଥିବା ଲୋକଙ୍କ ମଧ୍ୟରେ ନିରାଶ ହେବାର ମାତ୍ରା ଅଧିକାଂଶ ବଢ଼ିଛି। ଏହି ସର୍ଭେରେ ଭାଗ ନେଇଥିବା ଅଧିକାଂଶ ଲୋକ କହିଛନ୍ତି ଯେ ତାଙ୍କ ସହିତ କାମ କରୁଥିବା ସହକର୍ମୀ ଏବଂ ବରିଷ୍ଠ ଅଧିକାରୀଙ୍କ ଉନ୍ନତ ବ୍ୟବହାର ଯୋଗୁଁ ସେମାନେ ଚାକିରିରେ ସନ୍ତୁଷ୍ଟ ଅଛନ୍ତି। ଏଥିମଧ୍ୟରୁ ୯୨ ପ୍ରତିଶତ ଲୋକ ସେମାନଙ୍କ ସହକର୍ମୀଙ୍କ ଆଚରଣରେ ଖୁସି ଥିବାବେଳେ ୮୭ ପ୍ରତିଶତ ଲୋକ ସେମାନଙ୍କ ମାଲିକଙ୍କ ବ୍ୟବହାରରୁ ସନ୍ତୁଷ୍ଟ ଥିବା ଜଣାପଡ଼ିଛି। ୨୦୧୬ ଜାନୁଆରୀରୁ ୨୦୧୮ ଡିସେମ୍ବର ପର୍ଯ୍ୟନ୍ତ ୩ ବର୍ଷର ଅବଧିକୁ କଭର କରୁଥିବା ଶ୍ରମସୂଚକାଙ୍କ ଡାଟାସେଟ୍ ଆଧାରରେ ଏହି ରିପୋର୍ଟକୁ ପ୍ରସ୍ତୁତ କରାଯାଇଛି।

## ଧର୍ମାନ୍ଧ ସଂଗଠନ ଗଣତନ୍ତ୍ର ଓ ମାନବାଧିକାର ପ୍ରତି ବିପଦ : ଜିମ୍ ବ୍ୟାଙ୍କ୍ସ

**ନ୍ୟୁୟର୍କ :** ଦକ୍ଷିଣ ଏସିଆରେ ଧର୍ମାନ୍ଧ ସଂଗଠନ ଗୁଡ଼ିକ ଗଣତନ୍ତ୍ର ଓ ମାନବାଧିକାର ପ୍ରତି ବିପଦ ବୋଲି ଆମେରିକାର ନିମ୍ନ ସଦନ ଚିନ୍ତା ପ୍ରକଟ କରିଛି। ବାଂଲାଦେଶରେ ମାନବାଧିକାର ସୁରକ୍ଷା, ଧାର୍ମିକ ସ୍ୱାଧୀନତା ଓ ନିରପେକ୍ଷ ଗଣତାନ୍ତ୍ରିକ ଶାସନ ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଉଦ୍‌ବେଗ ପ୍ରକାଶ କରିଛି। ଦିନକୁ ଦିନ ବାଂଲାଦେଶରେ ମୌଳବାଦୀ ଧାର୍ମିକ ସଂଗଠନ ଗୁଡ଼ିକ ହିଂସାତ୍ମକ କାର୍ଯ୍ୟକଳାପରେ ଜଡ଼ିତ ରହୁଛନ୍ତି। ବାଂଲାଦେଶର ଶାନ୍ତିପୂର୍ଣ୍ଣ ବାତାବରଣରେ ଧାର୍ମିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା କଂଗ୍ରେସର ବିଦେଶ ବ୍ୟାପାର କମିଟି ସଭ୍ୟ ଜିମ୍ ବ୍ୟାଙ୍କ୍ସ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି। ଉକ୍ତ କମିଟି ବାଂଲାଦେଶ ଓ ପାକିସ୍ତାନରେ ସକ୍ରିୟ ଜମାତ-ଇ-ଇସ୍‌ଲାମୀ ସମେତ ଅନ୍ୟ ଛାମୁଆ ଉଗ୍ରବାଦୀ ସଂଗଠନର ଆତଙ୍କୀ କାର୍ଯ୍ୟକଳାପକୁ ସମାଲୋଚନା କରିଛି। ବାଂଲାଦେଶର ଧାର୍ମିକ ନିରପେକ୍ଷତା ପ୍ରତି ସଙ୍କଟ ଘନୀଭୂତ ହେବାକୁ ଲାଗିଛି। ଜମାତ୍-ଇ-ଇସ୍‌ଲାମୀ ସମେତ ଅନ୍ୟ ମୌଳବାଦୀ ଉଗ୍ର ସଂଗଠନ ସହିତ କୌଣସି ସମ୍ପର୍କ ସ୍ଥାପନ ନକରିବା ପାଇଁ ଆମେରିକାର ସଂସଦୀୟ କମିଟି ବାଂଲାଦେଶ ନ୍ୟାସ୍‌ନ୍ୟାଲିଷ୍ଟ ପାର୍ଟି ଓ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦେଇଛି। ଆନ୍ତର୍ଜାତିକ ସ୍ତରରେ ଦୃଢ଼ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ପୂର୍ବକ ବିଶ୍ୱପୃଷ୍ଠରୁ ଆତଙ୍କବାଦ ଲୋପ କରିବା ପାଇଁ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବାକୁ ଆମେରିକାର ସ୍ୱରାଷ୍ଟ୍ର ବିଭାଗକୁ ପରାମର୍ଶ ପ୍ରଦାନ କରିଛି। ଏହା ସହିତ ଜମାତ-ଇ-ଇସ୍‌ଲାମୀ, ଇସ୍‌ଲାମିକ୍ ସର୍କଲ ଅଫ୍ ନର୍ଥ ଆମେରିକା, ଆଇସିଏନ୍‌ଏ ରିଲିଫ, ହେଲପିଙ୍ଗ୍ ହ୍ୟାଣ୍ଡ ଫର୍ ରିଲିଫ ଆଣ୍ଡ ଡେଭ୍‌ଲପମେଣ୍ଟ୍ ଓ ମୁସଲିମ ଉମ୍ମାହ ଅଫ୍ ନର୍ଥ ଆମେରିକା ଭଳି କଟ୍ଟରପନ୍ଥୀ ସଂଗଠନକୁ ପାଣ୍ଠି ସହାୟତା ନ କରିବା ପାଇଁ ମିଳିତ ଜାତିସଂଘର ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରକୁ ଅବଗତ କରାଯାଇଛି। ପାକିସ୍ତାନ ଓ କଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି କରିବା ପାଇଁ ଉତ୍ତର ଆମେରିକାସ୍ଥିତ ହେଲପିଙ୍ଗ୍ ହ୍ୟାଣ୍ଡ ଫର୍ ରିଲିଫ୍ ଆଣ୍ଡ୍ ଡେଭ୍‌ଲପମେଣ୍ଟର ସନ୍ଦେହପୂର୍ଣ୍ଣ କାର୍ଯ୍ୟ ବିଷୟରେ ତଦନ୍ତ କରିବାକୁ ଆମେରିକାର ସଂସଦୀୟ କମିଟି ସୁପାରିସ କରିଛି। ପାକ୍ ଆତଙ୍କୀ ସଂଗଠନ ଲସ୍କର-ଇ-ତୋଏବା ସହ ହେଲପିଙ୍ଗ୍ ହ୍ୟାଣ୍ଡ୍ ସଂଗଠନର ଗୁପ୍ତ ସମ୍ପର୍କ ଥିବା ଆଶଙ୍କା କରାଯାଉଛି।

## ଏସ୍‌ବିଆଇର ଆକଳନ; ୫%କୁ ଖସିବ ଜିଡିପି


**ନୂଆଦିଲ୍ଲୀ :** ସାଂପ୍ରତିକ ମାନ୍ଦାବସ୍ଥାକୁ ନେଇ ବିଭିନ୍ନ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ପ୍ରଭାବିତ ହୋଇଥିବା ବେଳେ ସାମଗ୍ରିକ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅବନତି ଦେଖାଯାଇଛି। ଏହାକୁ ନେଇ ଚଳିତ ଆର୍ଥିକ ବର୍ଷର ଜିଡିପି ଆକଳନ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଏହି ବର୍ଷରେ ଜଡିପି ହାର ୬.୧ ପ୍ରତିଶତ ରହିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଥିବା ବେଳେ ଏବେ ଏହା ୫ ପ୍ରତିଶତକୁ ଖସି ଆସିବ ବୋଲି ଏସ୍‌ବିଆଇ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଚଳିତ ଆର୍ଥିକ ବର୍ଷର ଜିଡିପି ଆକଳନକୁ ନେଇ ଏହା ପୂର୍ବରୁ ଏସିଆ ଉନ୍ନୟନ ବ୍ୟାଙ୍କ(ଏଡିବି), ବିଶ୍ୱ ବ୍ୟାଙ୍କ, ଓଇସିଡି, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆକଳନଭିତ୍ତିକ ରିପୋର୍ଟ ପ୍ରକାଶ କରାଯାଇସାରିଥିବା ବେଳେ ଏହି ବର୍ଷରେ ଭାରତର ଅଭିବୃଦ୍ଧି ହାର ଯତେଷ୍ଟ ମାତ୍ରାରେ ହ୍ରାସ ପାଇବ ବୋଲି କୁହାଯାଇଥିଲା। ତେବେ ଏସ୍‌ବିଆଇ ପକ୍ଷରୁ କରାଯାଇଥିବା




ଆକଳନ ହାର ଅନ୍ୟ ସଂସ୍ଥାମାନଙ୍କ ସହ ପାଖାପାଖି ରହିଛି। ବିଶେଷକରି ୨୦୧୯-୨୦ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୪.୨ ପ୍ରତିଶତକୁ ଖସି ଆସିବ ବୋଲି ଆକଳନ କରାଯାଇଛି। ଅଟୋମୋବାଇଲ କ୍ଷେତ୍ରରେ ଦେଖାଯାଇଥିବା ସଙ୍କଟ ସମେତ ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶ ହ୍ରାସ ଏବଂ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରର ଉତ୍ପାଦନ ହ୍ରାସକୁ ନେଇ ଏହି ସ୍ଥିତି ଉପୁଜିଛି। ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ଆର୍ଥିକ ବର୍ଷର ୪ଟି ତ୍ରୈମାସିକ କାଳର ହାରାହାରି ଅଭିବୃଦ୍ଧିକୁ ନେଇ ସେହି ବର୍ଷର ଅଭିବୃଦ୍ଧି ହାର ଆକଳନ କରାଯାଇଥାଏ। ତେବେ ପୂର୍ବ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଜିଡିପି ୫ ପ୍ରତିଶତକୁ ଖସି ଆସିଥିବା ବେଳେ ଦ୍ୱିତୀୟ ତ୍ରୈମାସିକରେ ଏହା ୪.୨ ପ୍ରତିଶତକୁ ଖସି ଆସିଛି। ଚଳିତ ତ୍ରୈମାସିକ(ଅକ୍ଟୋବର-ଡିସେମ୍ବର)ରେ ମଧ୍ୟ ବିଭିନ୍ନ କ୍ଷେତ୍ରର ସ୍ଥିତିରେ ଉନ୍ନତି ଘଟିନଥିବାରୁ ଏହି ସମୟର ଅଭିବୃଦ୍ଧି ପୂର୍ବ ବର୍ଷ ତୁଳନାରେ କମ୍ ରହିବ ବୋଲି ଆଶଙ୍କା କରାଯାଉଛି। ଶିଳ୍ପ କ୍ଷେତ୍ର ବ୍ୟତୀତ କୃଷି ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି। ଚଳିତ ବର୍ଷ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ବିହାର, ଉତ୍ତରପ୍ରଦେଶ ଏବଂ ପଞ୍ଜାବ ଭଳି ରାଜ୍ୟରେ ଆବଶ୍ୟକତା ଠାରୁ ଅଧିକ ବର୍ଷା ହେବା ଯୋଗୁଁ ବନ୍ୟା ସୃଷ୍ଟି ହୋଇ ଖରିଫ୍ ଫସଲ ଅନେକାଂଶରେ ନଷ୍ଟ ହୋଇଛି। ମଧ୍ୟପ୍ରଦେଶରେ ୪୦ରୁ ୫୦ ପ୍ରତିଶତ ସୋୟାବିନ୍ ଫସଲ ନଷ୍ଟ ହୋଇଥିବା ବେଳେ ଗୁଜରାଟରେ ୩୦ ରୁ ୪୦ ପ୍ରତିଶତ ବାଦାମ ଏବଂ ୩୦ ପ୍ରତିଶତ କପା ଫସଲ ନଷ୍ଟ ହୋଇଛି। ଫଳରେ ତୈଳବୀଜ ଏବଂ କଟନ୍ ଉତ୍ପାଦନ କ୍ଷେତ୍ର ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବିଗତ ଦୁଇଟି ତ୍ରୈମାସିକରେ ଶିଳ୍ପ ଉତ୍ପାଦନ ସୂଚକାଙ୍କରେ ମଧ୍ୟ ଅବନତି ପରିଲକ୍ଷିତ ହୋଇଛି। ତେଣୁ ୨୦୧୯-୨୦ ଆର୍ଥିକ ବର୍ଷରେ ଜିଡିପି ସର୍ବନିମ୍ନ ସ୍ଥିତିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

## 'ଜଳବାୟୁ ପରିବର୍ତ୍ତନ ରୋକିବାରେ ଚୀନ୍ ଓ ଭାରତ ବିଫଳ'


**ୱାଶିଂଟନ୍ :** ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଓ ଭାରତକୁ ଟାର୍ଗେଟ୍ କରିଛନ୍ତି। ସେ ନ୍ୟୁୟର୍କର ଅର୍ଥନୈତିକ କ୍ଲବ୍‌ରେ କହିଛନ୍ତି, ଚୀନ୍, ଭାରତ ଓ ରୁଷିଆ ପ୍ରକୃତରେ ଜଳବାୟୁ ପରିବର୍ତ୍ତନ ରୋକିବାରେ କିଛି କରୁନାହାନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକର ବର୍ଜ୍ୟବସ୍ତୁ ଏବଂ ଆବର୍ଜନା ନଷ୍ଟ କରିବାକୁ ପଦକ୍ଷେପ ନନେଇ ଏସବୁକୁ ସମୁଦ୍ରରେ ଫୋପାଡ଼ି ଦେଉଛନ୍ତି। ଯାହାଫଳରେ ଏହି ବର୍ଜ୍ୟବସ୍ତୁ ଲସ୍‌ଏଞ୍ଜେଲ୍ସଠାରେ ସମୁଦ୍ରରେ ଭାସୁଛି। ଟ୍ରମ୍ପ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଅତି ଜଟିଳ ବିଷୟ। ବିଶ୍ୱରେ ନିର୍ମଳ ବାୟୁ ଓ ଜଳ ମୁଁ ଚାହେଁ। ଅନେକ ଦିଗରୁ ମୁଁ ନିଜକୁ ଜଣେ ପରିବେଶପ୍ରେମୀ ବୋଲି ବିଚାର କରେ। ପ୍ୟାରିସ୍ ଜଳବାୟୁ ଚୁକ୍ତି ଏକପାଖିଆ ହୋଇଥିବାରୁ ଆମେରିକା ଏଥିରୁ ଓହରି ଗଲା। କାରଣ ପ୍ୟାରିସ୍ ଜଳବାୟୁ ଚୁକ୍ତି ଯୋଗୁଁ ଆମେରିକାରେ ନିଯୁକ୍ତି ସୁଯୋଗ ନଷ୍ଟ ହେଲା। ଆମେରିକା ପାଇଁ ପ୍ୟାରିସ୍ ଜଳବାୟୁ ଚୁକ୍ତି ଥିଲା ଅତି ମାରାତ୍ମକ। ଏଥିଯୋଗୁଁ ଆମେରିକାର ଟ୍ରିଲିଅନ୍ ଟ୍ରିଲିଅନ୍ ଡଲାର ନଷ୍ଟ ହୋଇଥାନ୍ତା। ଭାରତ ସମ୍ପର୍କରେ ଉଲ୍ଲେଖ କରି ଟ୍ରମ୍ପ କହିଲେ, ଆମେ ଭାରତକୁ ବିକାଶଶୀଳ ରାଷ୍ଟ୍ର ଭାବରେ ଏ କ୍ଷେତ୍ରରେ ଆର୍ଥିକ ସହାୟତା ଦେବୁ।



ଏକ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ କହିଲେ, ଯେତେବେଳେ ମୋତେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ପ୍ରଶ୍ନ କରାଯାଏ ମୁଁ କହିଛି ଆମର ଏ କ୍ଷେତ୍ରରେ ସେଭଳି ସମସ୍ୟା ନାହିଁ। ଏବେ ଆମର ବାୟୁ ସମ୍ପୂର୍ଣ୍ଣ ନିର୍ମଳ। ଗତ ୪୦ ବର୍ଷ ଧରି ଏଭଳି ରହିଆସିଛି। ମୁଁ ଅନୁମାନ କରୁଛି ୨ ଶହ ବର୍ଷ ତଳେ ମଧ୍ୟ ଏଭଳି ନିର୍ମଳ ବାୟୁମଣ୍ଡଳ ରହିଥିଲା। ଗତ ସପ୍ତାହରେ ଆମେରିକା ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଓହରିଯିବା ସମ୍ପର୍କରେ ଜାତିସଂଘକୁ ଆନୁଷ୍ଠାନିକ ଭାବେ ଜଣାଇଥିଲା। ଉଲ୍ଲେଖଯୋଗ୍ୟ ଏହି ଐତିହାସିକ ବିଶ୍ୱସ୍ତରୀୟ ଚୁକ୍ତିରେ ଭାରତ ସମେତ ୧୮୮ଟି ରାଷ୍ଟ୍ର ସାମିଲ ହୋଇଥିଲେ। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

# ଆରଟିଆଇ ପିରସରଭୁକ୍ତ ହେଲା ସିଜେଆଇ

**ନୂଆଦିଲ୍ଲୀ :** ଦେଶର ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅଫିସ ମଧ୍ୟ ସୂଚନା ଅଧିକାର ଆଇନ (ଆରଟିଆଇ) ପରିସର ଭୁକ୍ତ ହୋଇଛି। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଣେ ପବ୍ଲିକ ଅଥୋରିଟି ହୋଇଥିବାରୁ ତାଙ୍କ ଅଫିସ ଅନ୍ୟ ସଂସ୍ଥା ଗୁଡିକ ଭଳି ଆରଟିଆଇ ଅଧିନରେ ରହିବ ବୋଲି ଆଜି ଖୋଦ୍ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ଆରଟିଆଇ ପରିସର ଭୁକ୍ତ ହେବେ କି ନାହିଁ, ତା'ର ଶୁଣାଣି ଆଜି ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ହୋଇଥିଲା। ଏହି ଖଣ୍ଡପୀଠରେ ଜଷ୍ଟିସ୍ ଏନ୍‌ଭି ରମଣ, ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ ସଞ୍ଜୀବ ଖାନ୍ନା ରହିଥିଲେ। ସର୍ବସମ୍ମତିକ୍ରମେ ଖଣ୍ଡପୀଠ ଏଣିକି ସିଜେଆଇଙ୍କ ସମ୍ପର୍କରେ ଯେକୌଣସି ବ୍ୟକ୍ତି ଆର୍‌ଟିଆଇ ଜରିଆରେ ତଥ୍ୟ ହାସଲ କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଆରଟିଆଇ ପରିସର ଭୁକ୍ତ ହେବା ଉଚିତ ବୋଲି ରୁଲିଂ ଦେଇଥିଲେ। ଆଜି ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ଏହି ରାୟକୁ କାଏମ ରଖି କହିଛନ୍ତି ଯେ, ସ୍ୱଚ୍ଛତା କେବେ ହେଲେ ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷତି ପହଞ୍ଚାଇ ପାରିବ ନାହିଁ। ତେଣୁ ସିଜେଆଇ ମଧ୍ୟ ନିଜର ସ୍ୱଚ୍ଛତାର ପ୍ରମାଣ ଦେବା ପାଇଁ ଆରଟିଆଇ ପରିସରଭୁକ୍ତ ହେବେ। ଆଜିର ଶୁଣାଣି ସମୟରେ ସୁପ୍ରିମ୍‌କୋର୍ଟ ସେକ୍ରେଟାରୀ ଜେନେରାଲ ଓ ସେଣ୍ଟ୍ରାଲ ପବ୍ଲିକ ଇନ୍‌ଫରମେସନ ପକ୍ଷରୁ ଏହା ବିରୋଧରେ ୩ଟି ଆବେଦନ ହୋଇଥିଲେ ହେଁ ଏହାକୁ ୧୭ ତାରିଖରେ ଅବସର ନେବାକୁ ଥିବା ଜଷ୍ଟିସ ଗୋଗୋଇ ଖାରଜ କରି ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ସିଜେଆଇ ଅଫିସକୁ ଆରଟିଆଇ ପରିସରଭୁକ୍ତ କରିଥିଲେ ହେଁ କିଛି ସର୍ତ୍ତାରୋପ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସିଜେଆଇ



ଆରଟିଆଇ ପରିସରଭୁକ୍ତ ହେଉଛନ୍ତି ସତ, କିନ୍ତୁ ବିଶ୍ୱସନୀୟତା ଓ ବ୍ୟକ୍ତିଗତ ଗୋପନୀୟତାକୁ ସମସ୍ତେ ସମ୍ମାନ ଦେବେ। ସେହିପରି ଆରଟିଆଇକୁ କେହି କେବେ ହେଲେ ସର୍ଭେଲାନ୍ସ ଭାବେ ବ୍ୟବହାର କରିପାରିବେ ନାହିଁ। କଲେଜିୟମ ପଦୋନ୍ନତି ପାଇଁ ସୁପାରିସ କରିଥିବା ବିଚାରପତିଙ୍କ ନାଁକୁ କେବଳ ସାର୍ବଜନୀନ କରାଯାଇପାରିବ। ହେଲେ ଏହାର କାରଣ କୁହାଯିବ ନାହିଁ। ଆରଟିଆଇ ଜରିଆରେ ସିଜେଆଇଙ୍କ ଅଫିସର ତଥ୍ୟ ପାଇଁ ଆବେଦନ ଦାଖଲ ହେଲେ ସୂଚନା କମିଶନର ପ୍ରଥମେ ବିଚାରପତିଙ୍କ ବ୍ୟକ୍ତିଗତ ଗୋପନୀୟତା ଓ ନ୍ୟାୟପାଳିକାର ସ୍ୱାଧୀନତା ଦୃଷ୍ଟିରୁ ସ୍ୱଚ୍ଛତାର ଆନୁପାତିକ ପରୀକ୍ଷା କରିବେ। ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି, ନ୍ୟାୟପାଳିକା କେବେ ହେଲେ ଇନ୍‌ସୁ୍ୟଲେସନ ଦ୍ୱାରା ଚାଲିପାରିବ ନାହିଁ। କାରଣ ବିଚାରପତିମାନେ ସାମ୍ବିଧାନିକ ପଦବୀରେ ରହିଛନ୍ତି ଓ ଲୋକଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଏହି ସାମ୍ବିଧାନିକ ଖଣ୍ଡପୀଠ ଏପ୍ରିଲ ୪ରେ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ସର୍ବୋଚ୍ଚ ନ୍ୟାଳୟାଳୟ ଦିଲ୍ଲୀ ହାଇକୋର୍ଟଙ୍କ ୨୦୧୦ ରାୟକୁ କାଏମ ରଖିଛନ୍ତି। ଏହାଦ୍ୱାରା ଏଣିକି ସୁପ୍ରିମ୍‌କୋର୍ଟ କୋଲେଜିୟମ ନିଷ୍ପତ୍ତି ୱେବ୍‌ସାଇଟ୍‌ରେ ଅପଲୋଡ କରାଯିବ। କୋର୍ଟ କହିଥିଲେ, ନ୍ୟାୟପାଳିକାର ସ୍ୱାଧୀନତାର ଅର୍ଥ ଜଣେ ବିଚାରପତିଙ୍କ ସମ୍ମାନ ନୁହେଁ। କିନ୍ତୁ ନ୍ୟାୟପାଳିକାର ଦାୟିତ୍ୱ ଜଣେ ବିଚାରପତିଙ୍କ ଉପରେ ରହିଥାଏ। ଏହି ରାୟ ତତ୍‌କାଳୀନ ସିଜେଆଇ ଜଷ୍ଟିସ୍ କେଜି ବାଲକ୍ରିଷ୍ଣନଙ୍କ ପାଇଁ ଶକ୍ତ ଝଟକା ଥିଲା। କାରଣ ସେ ଆରଟିଆଇ ଅଧୀନରେ ବିଚାରପତିଙ୍କ ତଥ୍ୟ ସାର୍ବଜନୀନ ହେବା ଦାବିକୁ ବିରୋଧ କରୁଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମ୍‌କୋର୍ଟ ସେକ୍ରେଟାରୀ ଜେନେରାଲ ଓ ସେଣ୍ଟ୍ରାଲ ପବ୍ଲିକ ଇନ୍‌ଫରମେସନ ଅଫିସର ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ଶୁଣାଣି ବେଳେ ମୂଳ ମାମଲା ରୁଜୁ କରିଥିବା ଆରଟିଆଇ କର୍ମୀ ଏସ୍‌ସି ଅଗ୍ରୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସିଜେଆଇଙ୍କ ଅଫିସ ଆରଟିଆଇ ପରିସରଭୁକ୍ତ ହେବା ଉଚିତ ବୋଲି ଯୁକ୍ତି ବାଢ଼ିଥିଲେ।

# ଫେବୃଆରୀ ୧୧ରୁ ପୁରୀରେ ହେବ ଦ୍ୱିତୀୟ ବିମ୍‌ସଟେକ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ

**ଭୁବନେଶ୍ୱର, (ପିଆଇବି) :** ଆସନ୍ତା ବର୍ଷ ଫେବୃଆରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ 'ବିମ୍ସଟେକ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ-୨୦୨୦' ପୁରୀଠାରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ଏହି ପର୍ଯ୍ୟାୟରେ ପ୍ରସ୍ତୁତି ବୈଠକ ଏବଂ ମୁଖ୍ୟ ଅଭ୍ୟାସ ପାଇଁ କ୍ଷେତ୍ରୀୟ ତାଲିମ ଅଭ୍ୟାସ ସ୍ଥାନ ଚୟନ କରାଯିବ। ନୋଡାଲ ଏଜେନ୍ସି ଭାବେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ) ଦ୍ୱାରା ଏହି ଅଭ୍ୟାସ ଆୟୋଜନ କରାଯାଉଛି। ଏହି ଅଭ୍ୟାସର ବିଷୟବସ୍ତୁ- ଈଭୂମିକମ୍ପ ଦ୍ୱାରା ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଉଥିବା ସାଂସ୍କୃତିକ ଐତିହ୍ୟ ସ୍ଥଳୀର ସୁରକ୍ଷା ଏବଂ ବନ୍ୟା ଓ ଝଡ଼ ଦ୍ୱାରା ପ୍ରଭାବିତ ସାଂସ୍କୃତିକ ଐତିହ୍ୟ ସ୍ଥଳୀର ସୁରକ୍ଷା ? ରଖାଯାଇଛି। ଏଥିନିମନ୍ତେ ପୁରୀରେ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବହୁପକ୍ଷୀୟ ବୈଷୟିକ ଓ ଆର୍ଥିକ ସହଯୋଗ ପାଇଁ ଦ୍ୱିତୀୟ ବଙ୍ଗୋପସାଗର ଉପକ୍ରମ (ବିମ୍ସଟେକ ଡିମଇଏକ୍ସ-୨୦୨୦) ଅଭ୍ୟାସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରସ୍ତୁତି ବୈଠକର ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଏନଡିଏମଏ)ର ସଦସ୍ୟ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଏନ ସି ମାରୱା ଯୋଗ ଦେଇଥିଲେ। ବିମ୍ସଟେକ ଡିଏମଇଏକ୍ସ-୨୦୨୦ର ଅଭ୍ୟାସର ପ୍ରକ୍ରିୟା ଓ ଆବଶ୍ୟକତା ଉପରେ ଏହି ପ୍ରସ୍ତୁତି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସାଂସ୍କୃତିକ ଐତିହ୍ୟସ୍ଥଳୀରେ ବଡ଼ ଭୂମିକମ୍ପ ଏବଂ ଝଡ଼ କିମ୍ବା ବନ୍ୟା ଆସିବା ଦ୍ୱାରା ଦେଖାଦେଉଥିବା ଜରୁରି ପରିସ୍ଥିତିର ସମନ୍ୱିତ ଢଙ୍ଗରେ ମୁକାବିଲା ଲାଗି ପ୍ରସ୍ତୁତି ଓ ପ୍ରଶମନକୁ ଅନୁଧ୍ୟାନ କରିବା ପ୍ରତି ବିମ୍ସଟେକ ଡିଏମଇଏକ୍ସରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯିବ। ବିପର୍ଯ୍ୟୟ ପ୍ରଶମନରେ ବିଭିନ୍ନ ଅଂଶୀଦାର ଯଥା ଅନ୍ତର୍ଜାତୀୟ, ଜାତୀୟ, ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସୂଚନାଯୋଗ୍ୟ ଯେ ଚତୁର୍ଥ ବିମ୍ସଟେକ ଶିଖର ସମ୍ମିଳନୀ ଅଗଷ୍ଟ, ୨୦୧୮ରେ କାଠମାଣ୍ଡୁଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯-୨୦ରେ ଭାରତରେ ଦ୍ୱିତୀୟ ବିମ୍ସଟେକ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ ଏବଂ ବିମ୍ସଟେକ ରାଷ୍ଟ୍ରଗୁଡ଼ିକର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ/ବାହିନୀଗୁଡ଼ିକର ବିଶେଷଜ୍ଞ ଗୋଷ୍ଠୀ ବୈଠକ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ପ୍ରସ୍ତୁତି ବୈଠକ ଅବସରରେ ଉଦଘାଟନୀ ଅଭିଭାଷଣରେ ଲେଫ୍ଟନାଂଟ ଜେନେରାଲ ମାରୱା କହିଥିଲେ ଯେ ବିମ୍ସଟେକ କ୍ଷେତ୍ର ସାଂସ୍କୃତିକ ଐତିହ୍ୟ ଦୃଷ୍ଟିରୁ ବେଶ ସମୃଦ୍ଧ, କିନ୍ତୁ ଏହି କ୍ଷେତ୍ରକୁ ସର୍ବଦା ବିଭିନ୍ନ ପ୍ରକାର ବିପର୍ଯ୍ୟୟର ଭୟ ରହିଥାଏ। ନିକଟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷତିଗ୍ରସ୍ତ ହୋଇଥିବା ସାଂସ୍କୃତିକ ଐତିହ୍ୟ ସ୍ଥଳୀଗୁଡ଼ିକର ଉଦାହରଣ ଦେଇ ସେ ଏ ଦିଗରେ ଏକ ବିସ୍ତୃତ ଏବଂ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତି ଲାଗି ଆହ୍ୱାନ କରିଥିଲେ। ଯଦ୍ୱାରା ଝଡ଼, ବନ୍ୟା ଓ ଭୂମିକମ୍ପ ସମୟରେ ସାଂସ୍କୃତିକ ଐତିହ୍ୟସ୍ଥଳୀଗୁଡ଼ିକର ସୁରକ୍ଷା କରାଯାଇପାରିବ। ମୁଖ୍ୟ ଅତିଥି ଆହୁରି କହିଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ସାମୁଦ୍ରିକ ଝଡ଼ର ଆଶଙ୍କା ୩୦% ବୃଦ୍ଧି ପାଇଛି ଏବଂ ସାଂସ୍କୃତିକ ଐତିହ୍ୟ ସ୍ଥଳୀଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଜଳବାୟୁରେ ନିୟମିତ ପରିବର୍ତ୍ତନ ତଥା ଐତିହ୍ୟସ୍ଥଳୀ ଉପରେ ଏହାର ପ୍ରଭାବ ଉପରେ ସେ ରେଖାପାତ କରିବା ସହିତ ଏସବୁ ଐତିହ୍ୟସ୍ଥଳୀର ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଗତ ୨୦ ବର୍ଷ ମଧ୍ୟରେ ଭାରତରେ ବିପର୍ଯ୍ୟୟ ପ୍ରଶମନ ଏବଂ ବିପର୍ଯ୍ୟୟ ବିପତି ହ୍ରାସ ଦିଗରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ଉଲ୍ଲେଖ କରିଥିଲେ। ବାତ୍ୟାର ବେଗ, ମାର୍ଗ, ତୀବ୍ରତା ଓ ପ୍ରଭାବ ସମ୍ପର୍କରେ ଆଗୁଆ ଏବଂ ସଠିକ ସୂଚନା ପ୍ରସାର କରିବା ଲାଗି ସେ ଭାରତୀୟ ପାଣିପାଗ ବିଭାଗକୁ ପ୍ରଶଂସା କରିଥିଲେ। ସେହିପରି ବିପର୍ଯ୍ୟୟ ସମୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ) ପ୍ରଭାବିତ କ୍ଷେତ୍ରରେ ତୁରନ୍ତ ଉଦ୍ଧାର ଓ ଥଇଥାନ କ୍ଷେତ୍ରରେ ନିୟୋଜିତ ହେବା ଏବଂ ସମସ୍ତ ଅଂଶୀଦାର ତଥା ଏଜେନ୍ସି ମଧ୍ୟରେ ରହିଥିବା ସମନ୍ୱୟକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ୧୯୯୯ ମହାବାତ୍ୟା ଏବଂ ୨୦୧୩ ଫାଇଲିନ ବାତ୍ୟା କ୍ଷୟକ୍ଷତିକୁ ତୁଳନା କରି ଶ୍ରୀ ଜେନା କହିଥିଲେ ଯେ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଆମେ ଏବେ ପ୍ରଯୁକ୍ତି, ସରଞ୍ଜାମ, ଲୋକବଳ ଓ ସମ୍ବଳ ଦୃଷ୍ଟିରୁ ଭଲ ଭାବେ ସୁସଜ୍ଜିତ ଏବଂ ପ୍ରସ୍ତୁତ। ସେ କହିଥିଲେ ଯେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ନିଜସ୍ୱ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଓସଡମା), ଓଡ଼ିଶା ଦ୍ରୁତ ବିପର୍ଯ୍ୟୟ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ) ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଡିଡିଏମଏ) ପ୍ରତିଷ୍ଠା କରିଛି।

**ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ଅର୍ଥ ପଡି ରହିଛି**

# ଫେରସ୍ତ ପାଇଁ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ

**ସମ୍ବଲପୁର,(ଦାମୋଦର ପଣ୍ଡା) :** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନରେ ଥିବା ଜିଲ୍ଲା ଗୁଡିକର ପାନୀୟ ଜଳ, ରାସ୍ତାଘାଟ ଓ ବିଜୁଳି ତଥା ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ବାର୍ଷିକ ମାତ୍ର ୧୦୦ କୋଟି ଟଙ୍କା ଅନୁଦାନ ମିଳୁଛି ବୋଲି ବାରମ୍ବାର ଅଭିଯୋଗ ହେଉଛି। ମାତ୍ର ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କାର ଅନୁଦାନ ପାଣ୍ଠି ଖର୍ଚ୍ଚ ନ ହୋଇ ପଡିରହିଛି। ଏଥିଯୋଗୁଁ ଏହି ଅର୍ଥ ଫେରେଇ ଦେବା ପାଇଁ ନବ ମନୋନୀତ ଅଧ୍ୟକ୍ଷ ସୁବାସ ସିଂ ଚୌହାନ ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ବ୍ଲକ ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ତଥ୍ୟ ମୁତାବକ ୨୦୦୩-୦୪ ମସିହାରୁ ବିଭିନ୍ନ ପ୍ରକଳ୍ପ ସକାଶେ ମିଳିଥିବା ଅର୍ଥ ବିନିଯୋଗ ହୋଇନାହିଁ। ତା'ର ଏକ ସମୀକ୍ଷା ନିକଟରେ କରାଯାଇଥିଲା। ଶ୍ରୀ ଚୌହାନ କହିଛନ୍ତି ଯେ, ପାଖାପାଖି ୮୦% ଅର୍ଥର ବିନିଯୋଗ ପ୍ରମାଣପତ୍ର ମିଳିଥିବା ବେଳେ ବାକି ୭ଦିନ ମଧ୍ୟରେ ଅବଶିଷ୍ଟ ବିନିଯୋଗ ପତ୍ର ମିଳିଯିବାର ସମ୍ଭାବନା ରହିଛି। ମାତ୍ର ତଥ୍ୟ କହୁଛି ଯେ, କେବଳ ସମ୍ବଲପୁର ଜିଲ୍ଲାରେ ୨୦୧୯ ପର୍ଯ୍ୟନ୍ତ ମିଳିଥିବା ଅନୁଦାନ ରାଶି ୭୮,୦୮୮୦୫୬୩ ଟଙ୍କା ମଧ୍ୟରୁ ୩୦୪୭୧୨୫୯୬ ଟଙ୍କାର ୟୁସି ବାକି ରହିଛି। ଏଥିରୁ ଶ୍ରୀ ଚୌହାନଙ୍କ ତଥ୍ୟର ସତ୍ୟାସତ୍ୟ ନେଇ ସନ୍ଦେହ ସୃଷ୍ଟି ହେବାର ଅବକାଶ ରହିଛି। ଏପରିକି ସିଡିଏମ୍ଓ ଭିମ୍ସାର, ଜିଲ୍ଲା ସଂସ୍କୃତି ଅଧିକାରୀ, ଏନ୍ଆର୍ଏଚ୍ଏମ୍, ଜିଇଡି, ପୂର୍ତ୍ତ ବିଭାଗ (୧), ଓ୍ୱେସ୍କୋ, ଓପଲଫେଡ୍, ବାମରା ଟ୍ରଷ୍ଟ ଫଣ୍ଡ କଲେଜ ଓ ଓୟୁଏଟି ରେଜିଷ୍ଟ୍ରାର ପକ୍ଷରୁ ଆଦୌ ବିନିଯୋଗ ପ୍ରମାଣପତ୍ର ଦିଆଯାଇ ନଥିବା ଜଣାଯାଇଛି। ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ମନେଶ୍ୱର ବ୍ଲକ ପକ୍ଷରୁ ସର୍ବାଧିକ ୪ କୋଟି ୬୪ଲକ୍ଷ ୫୩ ହଜାର ୪୩୩ ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦିଆଯାଇନାହିଁ। ୨୦୧୭ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନଥିବା ପ୍ରକଳ୍ପର ଅର୍ଥ ଫେରସ୍ତ କରିବାକୁ ଅଧ୍ୟକ୍ଷ ଶ୍ରୀ ଚୌହାନ ନିର୍ଦ୍ଦେଶ ଦେଇଛନ୍ତି।

# ୨ ମାସରେ ଦେଢ କୋଟି ଜରିମାନା ଆଦାୟ

## ଟ୍ରାଫିକ୍ ନିୟମ ଉଲ୍ଲଂଘନ

**ଭୁବନେଶ୍ୱର :** ରାଜ୍ୟରେ ନୂତନ ମୋଟର ଯାନ ଆଇନ ଲାଗୁ ହେବାପରେ ଏପର୍ଯ୍ୟନ୍ତ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ ହୋଇଛି। ଗତ ସେପ୍ଟେମ୍ବର ୧ରୁ ନିୟମ ଲାଗୁ ହୋଇଥିବା ବେଳେ ନଭେମ୍ବର ୧ ତାରିଖ ମଧ୍ୟରେ ମୋଟ ୧ କୋଟି ୫୩ ଲକ୍ଷ ୩୪ ହଜାର ୭୬୦ କୋଟି ଟଙ୍କା ଫାଇନ୍ ଆଦାୟ ହୋଇଛି ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ବିଧାନସଭାରେ କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ଏସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ଡ୍ରାଇଭିଂ ଲାଇସେନ୍ସ ନଥିବାରୁ ମୋଟ ୫୩୧୭ ଜଣଙ୍କ ଠାରୁ ମୋଟ ୪୬,୦୦,୮୫୦ ଟଙ୍କା ଆଦାୟ ହୋଇଛି। ସେହିପରି ଗାଡିର ଇନସ୍ୟୁରାନ୍ସ ନଥିବା କାରଣରୁ ୨,୧୧୧ ଜଣଙ୍କ ଠାରୁ ୧୩,୭୯,୭୦୦ ଟଙ୍କା ପ୍ରଦୂଷଣ ସାର୍ଟିଫିକେଟ



ନଥିବାରୁ ୧,୧୭୭ ଜଣଙ୍କ ଠାରୁ ୩୮,୧୬,୧୧୦ ଟଙ୍କା ଆଦାୟ ହୋଇଛି। ମଦ ପିଇ ଗାଡି ଚଲାଉଥିବା ୪୯୦ ଜଣଙ୍କ ଠାରୁ ୭ ଲକ୍ଷ ୩୮ହଜାର୧୦୦ ଟଙ୍କା ଆଦାୟ ହୋଇଛି । ମୋଟର ଯାନ ନିୟମ ଉଲ୍ଲଂଘନ କରିଥିବା ଦୁଇ ଚକିଆ, ତିନି ଓ ଚାରି ଚକିଆ ଯାନ ଚାଳକଙ୍କ ଠାରୁ ଏହି ଜରିମାନା ଆଦାୟ କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି। ଅପରପକ୍ଷରେ ୨୦୧୮ ସେପ୍ଟେମ୍ବର ମାସରେ ରେ ୮୪୪ଟି ସଡକ ଦୁର୍ଘଟଣା ହୋଇଥିବା ବେଳେ ଚଳିତ ବର୍ଷ ସେହି ମାସରେ ୭୦୨ଟି ସଡକ ଦୁର୍ଘଟଣା ହୋଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

**ମୁଖ୍ୟ ଶାସନ ସଚିବଙ୍କୁ ଏନ୍ଏଚ୍ଆର୍ସିଙ୍କ ନୋଟିସ୍**


# ଅପପୁଷ୍ଟି ଶିକାର ଶିଶୁଙ୍କ ରିପୋର୍ଟ ଦିଅ

**ଭୁବନେଶ୍ୱର :** ପୂର୍ବରୁ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ରାଜ୍ୟର ଅପପୁଷ୍ଟି ପୀଡିତ ଶିଶୁଙ୍କ ବିଷୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ନୋଟିସ୍‌ର ଜବାବ ଦାଖଲ ହୋଇନାହିଁ। ଏ ସମ୍ପର୍କରେ ପୁଣିଥରେ ମୁଖ୍ୟ ଶାସନସଚିବଙ୍କୁ ନୋଟିସ୍ ଦେଇଛନ୍ତି ଏନ୍ଏଚ୍ଆର୍ସି। ଆଗାମୀ ଚାରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ସୂଚାଇ ଦିଆଯାଇପାରେ କି ପୂର୍ବରୁ ୨୦୧୬ରେ ମାନବାଧିକାର କର୍ମୀ ତଥା ଆଇନ୍‌ଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦିଆଯାଇଥିବା ପିଟିସନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କଠାରୁ ଚାରି ସପ୍ତାହ ମଧ୍ୟରେ ରିପୋର୍ଟ ମାଗିଥିଲେ ଏନ୍ଏଚ୍ଆର୍ସି। ମାନବାଧିକାର କର୍ମୀ ଶ୍ରୀ ତ୍ରିପାଠୀ ନିଜ ପିଟିସନରେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟର ୩୭.୫ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ରାଜ୍ୟର ୧୦ଲକ୍ଷରୁ ଅଧିକ ଶିଶୁ କମ୍ ଓଜନର ଏବଂ ୫୦ହଜାର ଶିଶୁ ଗମ୍ଭୀର ଭାବେ ଅପପୁଷ୍ଟିର ଶିକାର ହେଉଛନ୍ତି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ାର ପଛୁଆ ଅଞ୍ଚଳଗୁଡ଼ିକରେ ଅଧିକ ସଂଖ୍ୟକ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ମୟୂରଭଞ୍ଜ, ସୁନ୍ଦରଗଡ଼ ଏବଂ କେନ୍ଦୁଝରର ଶିଶୁ ମଧ୍ୟ ଅପପୁଷ୍ଟିର ଶିକାର ହେଉଥିବା ଏବଂ ଜନଜାତି ବହୁଳ ଅଞ୍ଚଳଗୁଡ଼ିକରେ ଅଧିକ ସଂଖ୍ୟକ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ନେଇ ସେ ପିଟିସନରେ ଉଲ୍ଲେଖ କରିଥିଲେ। ଲୋକଙ୍କୁ ସଠିକ୍ ଖାଦ୍ୟ, ପାନୀୟଜଳ, ଗର୍ଭବତୀ ମହିଳା ଏବଂ ଶିଶୁଙ୍କୁ ୧୨ବର୍ଷ ପର୍ଯ୍ୟନ୍ତ ପୁଷ୍ଟିଯୁକ୍ତ ଖାଦ୍ୟ ସଠିକ୍ ଭାବେ ଯୋଗାଇନପାରି ରାଜ୍ୟ ସରକାର ମାନବାଧିକାର ଉଲ୍ଲଂଘନ କରିଛନ୍ତି ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରକୁ ଭିତ୍ତି କରି ପ୍ରତ୍ୟେକ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ରିପୋର୍ଟକୁ ନେଇ ଏକ ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ଏନ୍ଏଚ୍ଆର୍ସି ଗତ ଅଗଷ୍ଟ ୧୧ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଗାଁ ଘର ଉପରେ ଲଗାମ କଷିଲେ ସରକାର**

# ଘର କଲେ ଅନୁମତି ଦରକାର

**ଭୁବନେଶ୍ୱର :** ଏଣିକି ସହର ପରି ଗାଁରେ ମନଇଚ୍ଛା ଘର କରି ହେବନାହିଁ। ସେଥିପାଇଁ ପଞ୍ଚାୟତ ସମିତିର ଅନୁମତି ନେବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ୨/୩ ମହଲାର ଘର କିମ୍ବା ୫୦୦ ବର୍ଗ ମିଟରର ଘର କରୁଥିଲେ ପଞ୍ଚାୟତ ସମିତିଠାରୁ ଅନୁମତି ନେବାକୁ ପଡ଼ିବ। ଏଥିପାଇଁ ଉପଯୁକ୍ତ ପ୍ଲାନିଂ ସହ ପଞ୍ଚାୟତ ସମିତି ପାଖରେ ଆବେଦନ କରିବାକୁ ପଡ଼ିବ। ଏହାକୁ ପଞ୍ଚାୟତ ପକ୍ଷରୁ ଜିଲ୍ଲା ପ୍ଲାନିଂ ୟୁନିଟ୍‌କୁ ପଠାଯିବ। ଜିଲ୍ଲା ୟୁନିଟ୍ ଅନୁମୋଦନ କଲେ



ଘର ନିର୍ମାଣ କରାଯାଇପାରିବ। ଗାଁ ଗୁଡ଼ିକରେ ଯେଉଁ ଘର କରାଯାଉଛି, ସେଥିରେ ଡ୍ରେନେଜ୍ ଓ ସ୍ୱରେଜ୍ ପ୍ଲାନ କରାଯାଉନି। ସେଥିପାଇଁ ଏହି ନିୟମ ଲାଗୁକରାଯାଇଛି। ଯଦି କେହି ସରକାରୀ ନିୟମ ମୁତାବକ ଘର ନକରନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି। ବିଜ୍ଞପ୍ତି ଅନୁସାରେ ଓଡ଼ିଶା ସ୍ୱତନ୍ତ୍ର ପ୍ଲାନିଂ ସଂସ୍ଥା ଏବଂ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଦ୍ୱାରା ବିଲ୍ଡିଂ ନିୟମ-୨୦୧୭ ଗ୍ରାମାଞ୍ଚଳ ପାଇଁ ଲାଗୁ କରାଯିବ। ଉପରୋକ୍ତ ଶ୍ରେଣୀରୁ ଅଧିକ ସ୍ଥାନରେ ବା ଉଚ୍ଚ ମହଲାରେ ଘର ତିଆରି କରିବାକୁ ହେଲେ ପ୍ରଥମେ ଏଥିପାଇଁ ଅନୁମତି ନେବାକୁ ହେବ। ଅନୁମତି ପାଇଁ ବ୍ଲକରେ ଆବେଦନ କରିବାକୁ ପଡିବ। ବ୍ଲକ ଏହାକୁ ଜିଲ୍ଲା ସହର ଯୋଜନା ୟୁନିଟକୁ ପଠାଇବ। ଜିଲ୍ଲା ସହର ଯୋଜନା ୟୁନିଟ ଏହା ଉପରେ ରାଜ୍ୟ ସହର ଯୋଜନା ନିର୍ଦ୍ଦେଶକଙ୍କ ଅନୁମୋଦନ ନେବ। ପରେ ଯାଇ ସଂପୃକ୍ତ ଘର ନିର୍ମାଣ ହୋଇପାରିବ। ଏହା ଉଲ୍ଲଘଂନ କରାଗଲେ ଜରିମାନା ବ୍ୟବସ୍ଥା ମଧ୍ୟ ରହିଛି। ପଞ୍ଚାୟତ ଏହି ଜରିମାନା ଆଦାୟ କରିବ। ସରକାର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ, ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଞ୍ଚଳ ବାହାରେ ଏହି ନିୟମ ଲାଗୁ କରିବାକୁ ନିଷ୍ପତ୍ତି କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଏବଂ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଞ୍ଚଳରେ ହାଉସ ପ୍ଲାନିଂ ବା ଘର ଯୋଜନା ଅନୁମୋଦନ ନିୟମ ରହିଛି। ଗ୍ରାମାଞ୍ଚଳରେ ଏହି ବ୍ୟବସ୍ଥା ନଥିଲା। ପ୍ରଥମକରି ସରକାର ଏହାକୁ ଲାଗୁ କରିବାକୁ ଯାଉଛନ୍ତି। ବିଭାଗୀୟ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ଗେଜେଟ ବିଜ୍ଞପ୍ତି ପ୍ରକା ପାଇସାରିଥିବାରୁ ଖୁବ୍‌ଶୀଘ୍ର ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ମହିମାଙ୍କୁ ସର୍ତ୍ତମୂଳକ ଜାମିନ

**କଟକ :** ସିଓ୍ୱେଜ୍ ସିପିଙ୍ଗର ସାଧାରଣ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଆଜି ହାଇକୋର୍ଟରୁ ଶିଳ୍ପପତି ମହିମା ମିଶ୍ରଙ୍କୁ ମିଳିଛି ସର୍ତମୂଳକ ଜାମିନ୍। ପୂର୍ବରୁ ଗତ ୨୦୧୭ ଅପ୍ରେଲ୍ ୧୭ ତାରିଖରେ ହାଇକୋର୍ଟ ତାଙ୍କ ଜାମିନ୍ ଆବେଦନକୁ ଖାରଜ କରିଥିଲେ। ଏହାପରେ ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ। ନିମ୍ନ ଅଦାଲତରେ ଜାମିନ୍ ଆବେଦନ ଉପରେ ଶୁଣାଣୀ ହୋଇ ସାକ୍ଷ୍ୟ ପ୍ରମାଣ ଅଭାବରୁ କେସ୍ ର ସ୍ଥିତାବସ୍ଥାକୁ ନଜରକୁ ଆଣି ହାଇକୋର୍ଟ ସର୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ଏହି ଜାମିନ୍ ସର୍ତାବଳୀ ନିମ୍ନ ଅଦାଲତ ସ୍ଥିର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତଳ କୋର୍ଟ (କୁଜଙ୍ଗ କୋର୍ଟ)ରେ ହାଜର ହୋଇ ଜାମିନ୍ ରେ ଯାଇପାରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ହାଇକୋର୍ଟରୁ ଜାମିନ୍ ମିଳିବା ଫଳରେ ମହିମାଙ୍କ ଜେଲ୍ ରୁ ବାହାରିବାର ପଥ ପରିଷ୍କାର ହୋଇଛି।

# ଓଡିଶାରେ ଖୋଲିବ ଆଉ ୬ କୋର୍ଟ

**ଭୁବନେଶ୍ୱର :** ଓଡିଶାରେ ଖୋଲିବ ଆଉ ୬ ଟି କୋର୍ଟ। ଓଡିଶା ହାଇକୋର୍ଟଙ୍କ ସୁପାରିସ ଆଧାରରେ ରାଜ୍ୟ ସରକାର ଚଳିତବର୍ଷ ଆଉ ୬ଟି ନୂଆ କୋର୍ଟ ଖୋଲିବାକୁ ନିଷ୍ପତି ନେଇଛନ୍ତି। ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, କଟକ, ଭଦ୍ରକ, ନୀଳଗିରି, ଉଦଳା, ପଟ୍ଟାମୁଣ୍ଡାଇ ଓ ଖଡ଼ିଆଳଠାରେ ଗୋଟିଏ ଲେଖାଏ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବ। ଏହି ଜିଲ୍ଲା ଓ ସେସନ୍ କୋର୍ଟ ଖୋଲିବା ଦ୍ୱାରା କଟକରେ କୋର୍ଟ ସଂଖ୍ୟା ୪ ଓ ଭଦ୍ରକରେ ୨ରେ ପହଞ୍ଚିବ।

# ରାଜ୍ୟର ଋଣ ଭାର ୮୩ ହଜାର ୩୦୭ କୋଟି ଟଙ୍କା


**ଭୁବନେଶ୍ୱର :** ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କର ଋଣ ଭାର ୮୩ ହଜାର ୩୦୭ କୋଟି ଟଙ୍କା ଋଣ ହୋଇଛି ବୋଲି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା ପ୍ରକାଶ କରିଛନ୍ତି । ଖୋଲା ବଜାରରୁ ୩ ହଜାର ୫୦୦ କୋଟି ଟଙ୍କା ଋଣ କରାଯାଇଛି। ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ଉପସ୍ଥାପନ ହେବା ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରମୁଖ ସଚିବ ଶ୍ରୀ ମୀନା କହିଥିଲେ ଯେ, ଖଣି ରାଜସ୍ୱ ବାବଦରେ ୫୦୦ କୋଟି ଟଙ୍କା ମିଳିଛି । ସରକାରୀ କର୍ମଚାରୀ ମାନଙ୍କର ସପ୍ତମ ବେତନ କମିଶନ ଅନୁସାରେ ବାକିଆ ୪୦ ପ୍ରତଶତ ପାଇଛନ୍ତି ଅବଶିଷ୍ଟ ୬୦ ପ୍ରତିଶତ ଖୁବ୍ ଶୀଘ୍ର ଦିଆଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ସୂଚନାଥାଉ କି, ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୧୯-୨୦ ଆର୍ଥିକ ବର୍ଷର ୮୧୨୬.୩୨ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି କରିଛନ୍ତି। ଏଥି ମଧ୍ୟରୁ ପ୍ରଶାସନିକ ବ୍ୟୟ ପାଇଁ ୨୬୭.୨୩ କୋଟି ଟଙ୍କା ରଖାଯାଇଥିଲା ବେଳେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୭,୪୩୨.୮୦ କୋଟି ଟଙ୍କା, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୬.୫୨ କୋଟି ଟଙ୍କା ଏବଂ ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର ପାଇଁ ୪୧୯.୭୮ କୋଟି ଟଙ୍କା ରଖାଯାଇଛି। ଜନମଙ୍ଗଳ ରାଷ୍ଟ୍ରରେ ସମ୍ବଳର ଉପଲବ୍ଧତା ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ କରି ଓ ବିଭିନ୍ନ ସୂତ୍ରରୁ ସହବନ୍ଧିତ ସମ୍ବଳର ପ୍ରାପ୍ତିକୁ ପ୍ରତ୍ୟାଶା କରି ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ କରାଯାଇଛି। ଏହା ନିଶ୍ଚିତଭାବେ ଜନସାଧାରଣଙ୍କର ମଙ୍ଗଳ ଓ ଉନ୍ନୟନରେ ସହାୟକ ହେବ । ନିମ୍ନଲିଖିତ ପରିପ୍ରେକ୍ଷୀରେ ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ରହିଛି। ବଜେଟ୍ ଉପସ୍ଥାପନ ପରେ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ, ଅତିରିକ୍ତ ବଜେଟ୍‌ରେ ବ୍ୟୟ ବରାଦ ହୋଇଥିବା ୮,୧୨୬.୩୨ କୋଟି ଟଙ୍କା ମଧ୍ୟରୁ ସହବନ୍ଧିତ ସମ୍ବଳ ସୂତ୍ରରୁ ୨,୯୮୧.୮୮ କୋଟି ଟଙ୍କା, ଅଣବନ୍ଧିତ ସମ୍ବଳରୁ ୧୦୦୦ କୋଟି ଟଙ୍କା ଓ ବିଭିନ୍ନ ବିଭାଗ ଦ୍ୱାର ସମର୍ପିତ ହୋଇଥିବା ବ୍ୟୟବରାଦ ଓ ଅନୁଦାନରୁ ସମର୍ପଣ ଦ୍ୱାରା ୪,୧୪୪.୫୦କୋଟି ଟଙ୍କା। ଆରକ୍ଷୀ ବ୍ୟବସ୍ଥା ବ୍ୟତୀତ ଲୋକସଭା, ରାଜ୍ୟ ବିଧାନସଭା ନିର୍ମିତ ଏକକ ନିର୍ବାଚନ ପରିଚାଳନା ପାଇଁ ୨୦ କୋଟି ଟଙ୍କା ପ୍ରଶାସନିକ ବ୍ୟୟ ବ୍ୟବସ୍ଥାରେ ରହିଛି । ସେହିପରି ଇଭିଏମ୍ କିଣିବା ପାଇଁ ୧୬.୧୧





କୋଟି ଟଙ୍କା, ଡାକ୍ତରଖାନା ଗୁଡ଼ିକର ମ୍ୟୁନିସପାଲଟି ଟିକସ ବାବଦକୁ ୨୪.୮୪ କୋଟି ଟଙ୍କା, ରାଜ୍ୟ ଉଠା ଜଳସେଚନ ନିଗମକୁ ଅନୁଦାନ ଓ ଆର୍ଥିକ ପ୍ରୋତ୍ସାହନ ପାଇଁ ୨୩ କୋଟି ଟଙ୍କା, ବିଧାନସଭା ପରିସର ନିର୍ମାଣ ଓ ନବୀକରଣ ନିମନ୍ତେ ୮.୮୪ କୋଟି ଟଙ୍କା, ଫାଷ୍ଟ ଷ୍ଟ୍ରାକ୍ ସ୍ୱତନ୍ତ୍ର ନ୍ୟାୟଳୟ ପାଇଁ ୫.୭୯ କୋଟି ଟଙ୍କା, ମୋ ସରକାର ଯୋଜନାରେ ପୋଲିସ ଥାନା ଗୁଡ଼ିକର ଖର୍ଚ୍ଚ ପାଇଁ ୪.୬ କୋଟି, ତହସିଲ ମାନଙ୍କରେ ଦରଖାସ୍ତ ଦାଖଲ ପାଇଁ ଦେୟ ଓ ବ୍ୟବହାରକାରୀଙ୍କ କ୍ଷତିପୂରଣ ବାବଦ ପାଉଣାର ଭରଣା ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୬.୫୨ କୋଟି ଟଙ୍କା, ରାଜ୍ୟ ବଜେଟ୍‌ରୁ ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କ ପାଇଁ ୪୨୦ କୋଟି ଟଙ୍କା, କେନ୍ଦ୍ର ଅର୍ଥ ଆୟୋଗ ସ୍ଥାନାନ୍ତରିତ ବାବଦକୁ ୪୧୯.୪୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । କୃଷକ କଲ୍ୟାଣ ଖାଦ୍ୟ ନିରାପତା ପାଇଁ ୫୨୭.୪୦କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବୀମା ପିମିୟମ ଦେୟ ବାବଦକୁ ୧୯୦ କୋଟି ଟଙ୍କା, ୧ ଟଙ୍କା ହାରରେ ଚାଉଳ ବଂଟନ ପାଇଁ ୧୮୫.୫୨ କୋଟି ଟଙ୍କା, ଏନଏଫଏସ ଅନ୍ତର୍ଗତ ଅନ୍ତରାଜ୍ୟ ପରିବହନ ଓ ଖାଦ୍ୟଶସ୍ୟ ସଦୁପଯୋଗ ଏବଂ ଡିଲଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ ପାଇଁ ୧୨୦.୨୮ କୋଟି ଟଙ୍କା, ଉପଭୋକ୍ତା ସଚେତନତା ପାଇଁ ୧୦ କୋଟି ଟଙ୍କା, ସାମାଜିକ ନିରାପତା କାର୍ଯ୍ୟକ୍ରମ ପାଇଁ ୫୦୧.୫୬ କୋଟି ଟଙ୍କା, ଅବହେଳିତ ଜାତିର କଲ୍ୟାଣ ପାଇଁ ୫୦୦.୫୬ କୋଟି ଟଙ୍କା, ଜନସ୍ୱାସ୍ଥ୍ୟ ସେବା ପାଇଁ ୪୫୯ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୩୭୦ କୋଟି ଟଙ୍କା, ନିର୍ମଳା ଯୋଜନା ପାଇଁ ୧୫ କୋଟି ଟଙ୍କା, ମହିଳା ଶିଶୁ ବିକାଶ ସଶକ୍ତିକରଣ ପାଇଁ ୨୬୦.୯୦ କୋଟି ଟଙ୍କା, ଅତିରିକ୍ତ ପୁଷ୍ଟି କାର୍ଯ୍ୟକ୍ରମ ପାଇଁ ୧୯୦.୨୮ କୋଟି ଟଙ୍କା ଏବଂ ଆଇସିଡିଏସ କାର୍ଯ୍ୟକାରିତା ପାଇଁ ୫୦.୯୪ କୋଟି ଟଙ୍କା, ଆଦିବାସୀ ଉନ୍ନୟନ ଜନଜାତି ଓ ଜାତି ପାଇଁ ୧୧୪.୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରାକ୍ ମେଟିକ୍ ଛାତ୍ରବୃତି ନିମନ୍ତେ ୧୪.୭୨ କୋଟି ଟଙ୍କା, ଶିକ୍ଷା, କ୍ରୀଡ଼ା, ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୧୦୭୩.୦୩ କୋଟି ଟଙ୍କା, ସମଗ୍ର ଶିକ୍ଷା ପାଇଁ ୭୯୯.୨୭ କୋଟି ଟଙ୍କା, ମଧ୍ୟାହ୍ନ ଭୋଜନ ପାଇଁ ୫୮.୫୯ କୋଟି ଟଙ୍କା, ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତିଭୂମି ଉନ୍ନୟନ ପାଇଁ ୨୫ କୋଟି ଟଙ୍କା, ଅତ୍ୟାଧୁନିକ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ସହ ଆଇଟିଆଇ ଓ ପଲିଟେକ୍‌ନିକ କେନ୍ଦ୍ର ଗୁଡ଼ିକର ଉନ୍ନତିକରଣ ପାଇଁ ୫୦ କୋଟି ଟଙ୍କା, ଗ୍ରାମ୍ୟ ଉନ୍ନୟନ ପାଇଁ ୯୪୮.୫୫ କୋଟି ଟଙ୍କା, ଗ୍ରାମୀଣ ଗୃହ ନିର୍ମାଣ ପାଇଁ ୨୫୧.୬୭ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୩୬୦ କୋଟି ଟଙ୍କା, ଜାତୀୟ ଗ୍ରାମ୍ୟ, ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା, ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ୨୦୦.୫୨ କୋଟି ଟଙ୍କା, ସହରାଂଚଳ ଉନ୍ନୟନ ପାଇଁ ୪୧୬.୮୩ କୋଟି ଟଙ୍କା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୦ କୋଟି ଟଙ୍କା, ଅମୃତ ଯୋଜନା ପାଇଁ ୧୬୮.୮୧ କୋଟି ଟଙ୍କା, ଭିତିଭୂମି ଓ ଶିଳ୍ପ କ୍ଷେତ୍ର ଗୁଡ଼ିକୁ ଏକୀକୃତକରି ୨୬୨୩.୩୫ କୋଟି ଟଙ୍କା, ରାଜ୍ୟରେ ରାସ୍ତା ଗୁଡ଼ିକ ଉନ୍ନୟନ ଓ ନିର୍ମାଣ ପାଇଁ ୭୩୦ କୋଟି ଟଙ୍କା, ପୁରୀଠାରେ ମୌଳିକ ସୁବିଧା ପାଇଁ ୭୩୦ କୋଟି ଟଙ୍କା, ଆରଜିଜିଭିଓ୍ୱାଇ ଯୋଜନା ପାଇଁ ୮୦୦ କୋଟି ଟଙ୍କା, ଓଡ଼ିଶା ଟ୍ରାନ୍ସମିସନ ପଦ୍ଧତି ଉନ୍ନୟନ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା, ନକ୍ସଲ ପ୍ରବଣ ଅଂଚଳରେ ରାସ୍ତା ନିର୍ମାଣ ପାଇଁ ୧୭୬.୫୦ କୋଟି ଟଙ୍କା, ବିଜୁ ସେତୁ ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୯-୨୦ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟରେ ୧,୩୯,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ନଭେମ୍ବର, ୨୦୧୯

# କେତେ ଆଉ ଆଗକୁ ବଢ଼ିବ

ବସ୍ତୁବାଦର ମୋହ ସାମ୍ପ୍ରତିକ ମଣିଷକୁ ଯେତିକି ଯେତିକି ପ୍ରଲୋଭିତ କରୁଛି ସେତିକି ସେତିକି ମଣିଷର ସ୍ୱଭାବରେ ମଧ୍ୟ ପରିବର୍ତ୍ତନ ଘଟୁଛି। ପିଲାଦିନେ ପଢ଼ା ବହିରେ ପଢ଼ିଥିବା ପାଠ 'କୂଟ କପଟ ସ୍ୱଭାବ ଯାହାର ...' ବାକ୍ୟର ସାରମର୍ମ ଯେ କେତେ ବାସ୍ତବଧର୍ମୀ ତାହା ଅନୁଭବକାରୀମାନେ ହିଁ କହିପାରିବେ। ପୂର୍ବେ କୋଟିକେ ଗୋଟିଏ ଅପରାଧୀ ମାନସିକତା ରଖୁଥିଲା ବେଳେ ବର୍ତ୍ତମାନ ଏଥିରେ ଘୋର ପରିବର୍ତ୍ତନ ଦେଖାଦେଇଛି। ସ୍ୱାର୍ଥସିଦ୍ଧି ପାଇଁ ମଣିଷ ଏତେ ନୀଚ ସ୍ତରକୁ ଖସି ଯାଉଛି ଯେ ତାହା ବୁଝି ବୁଝାଇବା ମୁସ୍କିଲ। ଆଦର, ସ୍ନେହ, ପ୍ରେମ ଓ ଭକ୍ତି ଭଳି ଅର୍ଥପୂର୍ଣ୍ଣ ଶବ୍ଦମାନେ ଏବେ ଅକ୍ଷର ଭିତରେ ସୀମାବଦ୍ଧ ହେବାକୁ ସତେଯେମିତି ବାଧ୍ୟ ହେଉଛନ୍ତି। ପାରସ୍ପରିକ ବୁଝାମଣାର ଅଭାବ ହେଉ କିମ୍ବା ସହନଶୀଳତାର ଅଭାବ ମଣିଷକୁ ଏକଲାପଣରେ ବଞ୍ଚିବା ପାଇଁ ଲଗାମ କଷିଲା ଭଳି ପରିସ୍ଥିତି ସମାଜକୁ ଭ୍ରଷ୍ଟ ପଥରେ ନେଇ ଚାଲିଥିବା ଅନୁମେୟ ହୁଏ। ବିଶ୍ୱାସ ଅଭାବରୁ କେହି କାହାକୁ ମନଖୋଲି କଥା କହିବାକୁ ଉପଯୁକ୍ତ ମଣୁନାହାନ୍ତି। କାରଣ ଯେଉଁ ବ୍ୟକ୍ତିକୁ ନିଜର ଦୁଃଖ ଲାଘବ ପାଇଁ ହେଉ କିମ୍ବା ସମବେଦନା ପାଇବା ଆଶାରେ ମଣିଷ ମନର କଥା କହିଥାଏ ସେଠାରେ ପରବର୍ତ୍ତୀ ସମୟରେ ଏଥିପାଇଁ ଅଡୁଆରେ ପଡିବାକୁ ହେଉଛି। ପରିସ୍ଥିତି ଏଭଳି ହେଉଛି ଯେ, ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଙ୍କୁ ନିଜର ମନେକରି କହିଥିବା ସତ କଥାଟି ଭବିଷ୍ୟତ ପାଇଁ ବେକରେ ଦଉଡି ପଡିଲା ଭଳି ସ୍ଥିତି ଉପୁଯାଇ ଦେଉଛି। ମାନବୀୟ ମୂଲ୍ୟବୋଧ, ସାମାଜିକ ଶୃଙ୍ଖଳା ଓ ପାରିବାରିକ ଅସ୍ତିତ୍ୱ ସମ୍ପ୍ରତି ସନ୍ଦିହାନ ସମୟ ଦେଇ ଗତି କରୁଛି। କେହି କାହାର ଭଲ ବା ମଙ୍ଗଳ ଚିନ୍ତା କରୁନାହାନ୍ତି। ନିଜେ କିଭଳି ଭଲରେ ଖାଇ ଭଲରେ ରହି ନିଜ ପରିବାରର ସମ୍ପତ୍ତି ବଢ଼ାଇ ଚାଲିବା ସହିତ ଅନ୍ୟର ଦୁଃଖରେ ଆନନ୍ଦ ଅନୁଭବ କରିବାର ମହାନୁଭବତାକୁ ନେଇ ଗର୍ବ ଓ ଅହଂକାର ଜାଗି ଉଠୁଛି। ଆଗକାଳରେ ଅନ୍ୟର ଦୁଃଖ ଦେଖି ହୃଦୟ ତରଳି ଯାଉଥିଲା ବେଳେ ବର୍ତ୍ତମାନ ଅନ୍ୟର ଦୁଃଖକୁ ଉପହାସ ଭାବେ ଉପସ୍ଥାପିତ କରିବା ଭଳି ମାନସିକତା ମଣିଷର ସଂକୀର୍ଣ୍ଣତାକୁ ପଦାରେ ପକାଇ ଦେଉଛି। ସ୍ନେହ, ସଂପ୍ରୀତି ଭଳି ମୋହାବିଷ୍ଟ ଶବ୍ଦମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ନହୋଇ ବିକର୍ଷଣର କେନ୍ଦ୍ର ସ୍ଥଳ ଭାବେ ପରିଗଣିତ ହେବା ବାସ୍ତବରେ ପୀଡାଦାୟକ। ଏହା କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା କୌଣସି ନିର୍ଦ୍ଦିଷ୍ଟ କାହାଣୀର ଅବତାରଣା ନୁହେଁ। ବର୍ତ୍ତମାନ ସମାଜରେ ଘଟୁଥିବା ଅନେକାନକ କାହାଣୀର ମୂଳ ଉତ୍ସଟି ହେଉଛି ପୂର୍ବବର୍ଣ୍ଣିତ ଶବ୍ଦର ସମ୍ଭାର। ହୃଦୟହୀନ ମଣିଷଙ୍କର ହାଉଯାଉ ଭିତରେ ଭାବପ୍ରବଣ ମଣିଷର ସ୍ଥାନ କେଉଁଠି। ଏଭଳି ଅନେକ ପ୍ରଶ୍ନ ଚେତନାର ଚଉହଦିକୁ ଆବୋରି ବସିଥିଲା ବେଳେ ଏମିତି କେତେକ ଅପ୍ରତ୍ୟାଶିତ ଘଟଣା ମଣିଷ ମନକୁ ଭାରାକ୍ରାନ୍ତ କରିଦେବା ସହିତ ମ୍ରିୟମାଣ କରିପକାଏ। ଯେଉଁଥିରୁ ନିସ୍ତାର ପାଇଁ ଚଉଦିଗର ରାସ୍ତା ବି କମ୍ ପଡେ। ଆଧୁନିକତାର ପ୍ରଭାବରେ ହେଉ କିମ୍ବା ସ୍ୱାର୍ଥ ସର୍ବସ୍ୱ ମାନସିକତା ଯୋଗୁ ସମାଜରେ ଏଭଳି ଅନେକ ଘଟଣା, ଅନେକ ବ୍ୟକ୍ତି ଓ ପରିବାରକୁ ତଳିତଳାନ୍ତ କରିଦେଇଛି। ନିର୍ଦ୍ଦିଷ୍ଟ ଭାବେ କୌଣସି ଗୋଟିଏ ପରିବାର ଅପେକ୍ଷା ସାମଗ୍ରୀକ ଭାବେ ଏହାର ଆକଳନ ଓ ଅନୁଧ୍ୟାନର ଆବଶ୍ୟକତା ରହିଛି।

ସମ୍ପାଦକୀୟ

ତାରକ ମହାନ୍ତି



ବିତ୍ତଶାଳୀ ଓ ବଳଶାଳୀ ମାନେ ଅନ୍ୟକୁ ନଗଣ୍ୟ ଦେଖାଇବାକୁ ଯାଇ ଯେଉଁଭଳି ପନ୍ଥା ଅବଲମ୍ବନ କରୁଛନ୍ତି ତାହା କୌଣସି ସଭ୍ୟ ଓ ଶିକ୍ଷିତ ମଣିଷର କାହାଣୀ ହୋଇନପାରେ। ଯେଉଁ ଚିନ୍ତାଧାରା ଦ୍ୱାରା ବ୍ୟକ୍ତି ବା ସମାଜର ମଙ୍ଗଳ ହେବା ଅପେକ୍ଷା ଅମଙ୍ଗଳ ହେଉଛି ସେଥିରୁ ନିବୃତ୍ତ ନ ରହି ଅହଂକାର ବଶତଃ ଅନ୍ୟକୁ କ୍ଷତି ପହଞ୍ଚାଇବାରେ କିପ୍ରକାର ଆନନ୍ଦ ମିଳୁଛି ତାହା ହୁଏତ ସେମାନେ କହିପାରିବେ। କିନ୍ତୁ ଦୁନିଆ ଆଖିକୁ ଦିଶୁଥିବା ଘଟଣାର ଅବତାରଣା ଅଭିଯୁକ୍ତଙ୍କୁ କଷ୍ଟ ଦେଉଥିଲେ ବି ଅଭିଯୋଗକାରୀର ମର୍ମ ଯନ୍ତ୍ରଣା କେତେ ନିଷ୍ଠୁର ତାହା ହୁଏତ ଅନୁମାନ କରାଯାଇପାରେ। କିନ୍ତୁ ଅନୁଭବ ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ରାଜନୀତି ହେଉ କିମ୍ବା ଶାସନ ପୂର୍ବଭଳି ଆଜିକାଲି ଆଉ ସ୍ୱଚ୍ଛ ଓ ନିର୍ମଳ ନୁହେଁ। ଏହାର ଏକମାତ୍ର କାରଣ ଗାଦିକୁ ସୁରକ୍ଷିତ ରଖି ନିଜେ କ୍ଷମତାକୁ ହାତ ମୁଠାରେ ରଖିବା ହେଉଛି ସବୁଠୁ ବଡ। କ୍ଷମତା ପାଇଁ ମଣିଷ ଯେକୌଣସି ଜଘନ୍ୟ ଅପରାଧ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉନାହିଁ। ଏ କ୍ଷେତ୍ରରେ ମାନବିକତା ଅପେକ୍ଷା ସ୍ୱାର୍ଥର ପରିମାଣକୁ ବିଚାରକୁ ନେଇ କାର୍ଯ୍ୟଧାରା ଆଗକୁ ବଢ଼ିଚାଲୁଛି। କ୍ଷତିଗ୍ରସ୍ତ ଲୋକଙ୍କ ବିକଳ ଚିତ୍କାର ଲାଭାନ୍ୱିତ ବ୍ୟକ୍ତିର କର୍ଣ୍ଣଗହ୍ୱରକୁ ସ୍ପର୍ଶ ନକରିବା ଭଳି ଅନେକ ସମ୍ବେଦନଶୀଳ ଘଟଣା ସମାଜ ବ୍ୟବସ୍ଥାକୁ ଦିଗହରା କରିଦେଉଛି। ଯେଉଁଥିରେ ଅସଂଖ୍ୟ ସୁସ୍ଥ ମାନସିକତାଧାରୀ ଲୋକ ଓ ନିରୀହ ଜନସାଧାରଣ ବଳି ପଡିବାକୁ ବାଧ୍ୟ ହେଉଛନ୍ତି। ଆଳସ୍ୟ ଓ ବ୍ୟଭିଚାର ମଣିଷକୁ ଦୁର୍ବଳ କରିଚାଲିଥିଲା ବେଳେ ଏହା ଉପରେ ଆସ୍ଥା ପ୍ରକଟ କରି ଯେଉଁମାନେ ଦୀର୍ଘବର୍ଷ ବଞ୍ଚିବାର ଯୋଜନା କରୁଛନ୍ତି ସେମାନେ ହୁଏତ ଜାଣିନାହାନ୍ତି ଯେ, ଜୀବନ କ୍ଷଣସ୍ଥାୟୀ ଓ ଏହାର ବିନାଶ ନିଶ୍ଚୟ ଘଟିବ। ପାପାଚାରୀଙ୍କ ମନ ପାପପଙ୍କରେ ଥିଲା ବେଳେ କର୍ମ ଆଧାରିତ ଜୀବନ ବଞ୍ଚୁଥିବା ମଣିଷର ଯନ୍ତ୍ରଣା କାହା ହୃଦୟକୁ ନ ଛୁଇଁବ ମଧ୍ୟ ସମାଜ ବ୍ୟବସ୍ଥାର ଏକ ବ୍ୟତିକ୍ରମ। କାରଣ ବ୍ୟବସ୍ଥାର ଅସାଧୁ ଲକ୍ଷ୍ୟଣ ସମ୍ପୂର୍ଣ୍ଣ ସମାଜକୁ ରୁଗ୍ଣ କରିଚାଲିବା ସହିତ ଭବିଷ୍ୟତ ପିଢ଼ିଙ୍କ ପାଇଁ କଳଙ୍କର ପାହାଡିଏ ସୃଷ୍ଟି କରିବ ନିଶ୍ଚୟ। ବ୍ୟାଧିଗ୍ରସ୍ତ ମାନସିକତାରୁ ସୁସ୍ଥ ସମାଜ ଗଠନ ମନ୍ତ୍ର ଉଚ୍ଚାରଣ ହେବା ଏକ ବ୍ୟର୍ଥ ଆକଳନ ହୋଇଥିଲେ ବି ସମାଜ ତଥା ବ୍ୟକ୍ତିକୁ ଏକସୂତ୍ରରେ ବାନ୍ଧି ଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ଦିଗ ଦେଖାଇବା ସବୁଠୁ ବଡ ପ୍ରସଙ୍ଗ। ଯାହା ସାମୟିକ ଆନନ୍ଦ ଦେଉଛି ବା ଲାଭ ଦେଉଛି ତାହା ସ୍ଥାୟୀ ବ୍ୟବସ୍ଥା ନୁହେଁ। କାରଣ ଗୋଟିଏ ସ୍ଥାୟୀ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ଶୈଳୀ ସମ୍ପୂର୍ଣ୍ଣ ସ୍ୱାର୍ଥରହିତ ହେବା ଦରକାର। ଆବଶ୍ୟକ ବଳେ ଅନ୍ୟକୁ କୋମଳ ବଚନ କହି ନିଜର ସ୍ୱାର୍ଥ ହାସଲ ପରେ ତା'ନିକଟରେ ଅପରିଚିତ ଭଳି ବ୍ୟବହାର ପ୍ରଦର୍ଶନ କରିବା ଭ୍ରଷ୍ଟାଚାରୀଙ୍କ ଲକ୍ଷ୍ୟଣ। ଯେଉଁମାନେ ସୁମାର୍ଗରେ ଯାଇ ବଞ୍ଚିପାରିବା ସହଜ ମନେକରନ୍ତି ନାହିଁ ସେମାନେ ଅକ୍ଲେଶରେ କୁପଥରେ ଯାଇ କୋଟି କୋଟି ଟଙ୍କାର ମାଲିକ ହେବାକୁ ଉପଯୁକ୍ତ ମନେ କରନ୍ତି। କିନ୍ତୁ ଏହାଦ୍ୱାରା ବ୍ୟବସ୍ଥା, ପରିବାର, ସମାଜ, ରାଜ୍ୟ ଓ ଦେଶର ଯେଉଁଭଳି ପ୍ରଭୂତ କ୍ଷତି ଘଟେ ସେ ସମ୍ପର୍କରେ ସେମାନେ ଆଦୌ ସଚେତନ ହେବାକୁ ପସନ୍ଦ କରନ୍ତି ନାହିଁ। ନିଜ ଅମାର ପରିପୂର୍ଣ୍ଣ କରିବା ଲକ୍ଷ୍ୟରେ ସମାଜ ଅମାରକୁ ଲୁଟ୍ କରିବା ଭଳି ଚିନ୍ତାଧାରା ବାତାବରଣକୁ କଳୁଷିତ କରିଦେବା ସହିତ ବ୍ୟବସ୍ଥାକୁ ଭ୍ରଷ୍ଟ ଦିଗରେ ଅଗ୍ରସର ହେବା ପାଇଁ ପ୍ରେରଣା ମଧ୍ୟ ଯୋଗାଉଛି। ଏଭଳି ମାନସିକତା ଯେକୌଣସି ଭାଷାରେ ନିନ୍ଦା କରାଗଲେ ବି ଭ୍ରଷ୍ଟାଚାରୀ ବ୍ୟକ୍ତି ଏଥିରୁ କୌଣସି ଶିକ୍ଷାଲାଭ କରେନାହିଁ। ବରଂ ଅନ୍ୟର ଉପଦେଶକୁ ଉପେକ୍ଷା କରି କିଭଳି କୁମାର୍ଗରେ ଆଗକୁ ବଢ଼ିହେବ ତାହାର ନୂତନ ଯୋଜନାମାନ ପ୍ରଣୟନ କରିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥାଏ। ତେଣୁ ଏ ଦିଗରେ କେତେ ଆଗକୁ ବଢ଼ିହେବ ତାହା ସମୟ କହିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାତୀୟ ସଂହତି : ରାଷ୍ଟ୍ରୀୟ ଏକତାର ମୂଳମନ୍ତ୍ର



ଅମିନୀଲୁ ରାୟ

ପୃଥିବୀର ସର୍ବ ପ୍ରାଚୀନ ସଭ୍ୟ ରାଷ୍ଟ୍ର ଭାବେ ଭାରତବର୍ଷ ପରିଚିତ । ପୁନଶ୍ଚ ବହୁ ଜାତି, ଧର୍ମ, ଭାଷା ଓ ବିଭିନ୍ନ ସଂସ୍କୃତିରେ ଗଠିତ ଏହି ଦେଶରେ ସବୁଠାରୁ ଅଧିକ ବିଶେଷତ୍ୱ ହେଉଛି ବିଭିନ୍ନତା ମଧ୍ୟରେ ଏକତା ବା ସମସ୍ତ ପ୍ରକାର ବୈଷମ୍ୟ ଓ ବିଭେଦ ସତ୍ତ୍ୱେ ଏ ଜାତି ଏକ୍ ହୋଇ ରହିଅଛି । ସୁତରାଂ ଯେକୌଣସି ସ୍ୱାଧୀନ ରାଷ୍ଟ୍ର ପକ୍ଷେ ମଧ୍ୟ ଜାତୀୟ ଜୀବନରେ ସଂହତି ଏକାନ୍ତ ଆବଶ୍ୟକ। ଜାତୀୟ ସଂହତିକୁ କେବଳ ଏକତା କହିବା ଯଥେଷ୍ଟ ନୁହେଁ । କୁହାଯାଇପାରେ ଏକତାର ଏକ ଘନୀଭୂତ ଆତ୍ମୀୟ ରୂପ ହେଉଛି ସଂହତି । ନିଜ ନିଜ ମଧ୍ୟରେ ଥିବା କ୍ଷୁଦ୍ରତା, ସଂକୀର୍ଣ୍ଣତା, ବୈଷମ୍ୟ ଓ ବିଭେଦକୁ ତ୍ୟାଗ କରି ଜାତିର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରସ୍ପର ମଧ୍ୟରେ ଏକ ନିବିଡ ଆତ୍ମୀୟତାବୋଧ ସ୍ଥାପନ କରିବା ହେଉଛି ଜାତୀୟ ସଂହତି । ସେଥିପାଇଁ ଉତମ ବୁଝାମଣା, ସହନଶୀଳତା, ଆତ୍ମୀୟତା ଓ ମୈତ୍ରୀଭାବନା ପ୍ରତିଷ୍ଠିତ ହେବା ଉଚିତ। ଉଦାହରଣ ସ୍ୱରୂପ- ଜାତିର ପିତା ଗାନ୍ଧିଜୀ ଉପନିବେଶବାଦ ବିରୋଧରେ ସଂଗ୍ରାମ କରୁଥିବା ସମୟରେ ନିଜର ଅପୂର୍ବ ବ୍ୟକ୍ତିତ୍ୱ ବଳରେ ଭାରତର କୋଟି କୋଟି ଜନତାଙ୍କ ମଧ୍ୟରେ ଏହି ଭଳି ଏକ ସଂହତି ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଥିଲେ । ଯାହା ଫଳରେ ଆମେ ପରାକ୍ରମଶାଳୀ ଇଂରେଜ ଜାତିକୁ ପରାସ୍ତ କରି ସ୍ୱାଧୀନତା ଲାଭ କଲୁ। ଅତୀତର ଘଟଣାବଳୀକୁ ସ୍ମରଣ କଲେ ଜଣାଯାଏ–ଏଇ ଭାରତରେ ଦିନେ ବେଦ, ଉପନିଷଦ, ରାମାୟଣ ଓ ମହାଭାରତ ଭଳି କାଳଜୟୀ ଗ୍ରନ୍ଥମାନ ରଚିତ ହୋଇଥିଲା। ହିନ୍ଦୁ ରାଜାମାନେ ଅତୀତରେ ଏ ଦେଶକୁ ଶାସନ କରୁଥିଲେ । ସେମାନେ ନିଜର ସୁଶାସନ ଓ ଆଦର୍ଶ ଯୋଗୁଁ ମର୍ତ୍ତ୍ୟର ଦେବତା ବୋଲି ବିବେଚିତ ହେଉଥିଲେ। କିନ୍ତୁ ସମୟ କ୍ରମେ ରାଷ୍ଟ୍ରୀୟ ଏକତା ଓ ସଂହତିର ଅଭାବରୁ ବୈଦେଶିକମାନେ ଏ ଭାରତ ମାଟିରେ ପ୍ରବେଶ କରି ଆମର ସ୍ୱାଧୀନତାକୁ ଅପହରଣ କରିନେଲେ। ଯାହା ଦ୍ୱାରା ଆମର ମୌଳିକ ସଂସ୍କୃତି ଓ ବିଚାର କ୍ଷୁର୍ଣ୍ଣ ହୋଇ ସେଥିରେ ଯାବନିକ ସଂସ୍କୃତି ପ୍ରବେଶ କଲା । ବଳ ପ୍ରୟୋଗ କରି ଲୋକମାନଙ୍କୁ ଧର୍ମାନ୍ତର କରାଗଲା । ସେଥିପାଇଁ ଇତିହାସରେ ସୃଷ୍ଟି ହେଲା ଏକ କରୁଣ ଓ ଅଶ୍ଳୀଳ ଅଧ୍ୟାୟ। ଇଂରେଜମାନେ ଦୀର୍ଘ ଦୁଇ ଶହରୁ ଉର୍ଦ୍ଧ ବର୍ଷ ଧରି ଏ ଦେଶର ମାନଦଣ୍ଡକୁ କରାୟତ କରି ଆମକୁ ଶୋଷଣ କଲେ ଓ ନିର୍ଯ୍ୟାତନା ଦେଲେ । ସଂଘବଦ୍ଧ ଓ ଐକ୍ୟବଦ୍ଧ ସଂଗ୍ରାମ ଚଳାଇ ଆମେ ଦେଶକୁ ସ୍ୱାଧୀନ କଲୁ ସତ, କିନ୍ତୁ ଜାତୀୟ ସଂହତିକୁ ରକ୍ଷା କରି ପାରିଲୁନି। ଧର୍ମଗତ ବିଭେଦକୁ କେନ୍ଦ୍ରକରି ହିନ୍ଦୁ ଓ ମୁସଲମାନ୍ ସଂପ୍ରଦାୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ସୃଷ୍ଟି ହେଲା । ଫଳରେ ଅଖଣ୍ଡ ଭାରତ ଖଣ୍ଡିତ ହେଲା ଏବଂ ପ୍ରାଚୀନ ହରପ୍ପା ଓ ମହେଞ୍ଜୋଦାର ଭଳି ସଭ୍ୟତାର ଆଦିପୀଠ ଭାରତରୁ ବିଚ୍ଛିନ୍ନ ହୋଇଗଲା।

ଅଧୁନା ଜାତୀୟ ସଂହତି ଦୃଷ୍ଟିରୁ ବିଚାର କଲେ ଭାରତ ଏକ କଠୋର ଅଗ୍ନି ପରୀକ୍ଷା ମଧ୍ୟ ଦେଇ ଗତି କରୁଛି । ଇଂରେଜ ଶାସନର କଠୋର ଶୃଙ୍ଖଳା ବଳରେ ବାଘ ଓ ଛେଳି ଗୋଟିଏ ତୁଠରେ ପାଣି ପିଉଥିଲାବେଳେ, ଦେଶ ସ୍ୱାଧୀନତା ପ୍ରାପ୍ତି ପରେ ଆଜିର ଏଇ ଗଣତନ୍ତ୍ର ଭାରତବର୍ଷରେ ଜାତି, ଧର୍ମ, ଭାଷା, ଆଂଚଳିକତା ଓ ସଂପ୍ରଦାୟକୁ ନେଇ ବିଭିନ୍ନ ପ୍ରକାର ବିଭେଦ ମୁଣ୍ଡ ଟେକିବାରେ ଲାଗିଛି । ଅନ୍ତର୍ଘାତୀ ଶକ୍ତିମାନେ ସକ୍ରିୟ ହୋଇ ଦେଶର ନିରାପତା ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛନ୍ତି। ଯାହା ଫଳରେ ଅଭ୍ୟନ୍ତରିଣ ଶାନ୍ତି ଓ ସୌହାର୍ଦ୍ଦ୍ୟ ନଷ୍ଟ ହୋଇ ପରସ୍ପର ମଧ୍ୟରେ ଏକ ସନ୍ଦେହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ସଂଖ୍ୟାଲଘୁ ଭଳି ଅନୁନ୍ନତ ଜାତିର ସ୍ୱାର୍ଥ ରକ୍ଷା ନିମନ୍ତେ ଆଦିବାସୀ ଓ ହରିଜନ ନାମରେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି କରି ସମ୍ବିଧାନରେ ଯେଉଁ ସ୍ୱତନ୍ତ୍ର ସୁବିଧା ସୁଯୋଗର ବ୍ୟବସ୍ଥା ଖଞ୍ଜାଯାଇଛି, ତାହାର ଅନେକ ଉପଯୋଗିତା ଥିଲେ ମଧ୍ୟ ଅପ୍ରତ୍ୟକ୍ଷ ଭାବେ ଏହା ଜାତୀୟ ଐକ୍ୟ ଓ ସଂହତିର ପରିପନ୍ଥୀ ହୋଇଛି । ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ଚାକିରୀ ପର୍ଯ୍ୟନ୍ତ ସଂରକ୍ଷଣ ନୀତିକୁ ଯେମିତି କ୍ରମେ କ୍ରମେ ସଂପ୍ରସାରିତ କରାଯାଉଛି, ତାହା ସବର୍ଣ୍ଣମାନଙ୍କ ପାଇଁ କେବଳ କ୍ରୋଧ ବା ଇର୍ଷାର କାରଣ ହୋଇ ନାହିଁ ବରଂ ସମାଜ ଦୁଇଟି ପୃଥକ୍ ଗୋଷ୍ଠୀରେ ପରିଣତ ହୋଇଛି । ଏହି ପାର୍ଥକ୍ୟକୁ ଅଧିକ ବଢାଇ ଦେଇଛି ମଣ୍ଡଳ ନୀତି । ମେଧାକୁ ହତ୍ୟା କରାଯାଇ ଦେଶକୁ ଜାତିଭିତିରେ ଖଣ୍ଡ ଖଣ୍ଡ କରିଦିଆଯାଇଛି । ଏହି ନୀତିର ପ୍ରବକ୍ତାମାନେ ଇତିହାସରେ ଅକ୍ଷମଣୀୟ ହୋଇ ରହିବେ । କାରଣ ସେମାନେ ଜାତିଆଣାବାଦର ପ୍ରବକ୍ତା ଓ ପ୍ରତିନିଧି। ସଂପ୍ରତି ଭାଷାଗତ ବିବାଦ ଜାତୀୟ ସଂହତିକୁ ପ୍ରଚଣ୍ଡ ଭାବରେ ଧକ୍କା ଦେଇଛି । ଇଂରେଜ ଶାସନ ସମୟରେ ଇଂରାଜୀ ଭାଷା ଥିଲା ଭାରତର ରାଜଭାଷା । ସ୍ୱାଧୀନତା ପ୍ରାପ୍ତି ପରେ ଇଂରାଜୀ ଭାଷାକୁ ଉଚ୍ଛେଦ କରି ତା ସ୍ଥାନରେ ହିନ୍ଦୀ ଭାଷାକୁ ରାଷ୍ଟ୍ରଭାଷା ରୂପେ ସ୍ୱୀକୃତି ଦିଆଯାଇଛି, କିନ୍ତୁ ଦକ୍ଷିଣ ଭାରତର ଅଧିବାସୀମାନେ ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ସେମାନଙ୍କର ଆଶଙ୍କା ଯେ, ଏହା ଦ୍ୱାରା ଶାସନ କ୍ଷେତ୍ରରେ ଉତର ଭାରତର ହିନ୍ଦୀ ଭାଷାଭାଷୀ ଲୋକମାନଙ୍କର ପ୍ରାଧାନ୍ୟ ଓ ପ୍ରଭାବ ବୃଦ୍ଧି ପାଇବ। ସେମାନେ ଇଂରାଜୀକୁ ରାଷ୍ଟ୍ରଭାଷା ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ, କିନ୍ତୁ ହିନ୍ଦୀ ଭାଷାର ସଂପୂର୍ଣ୍ଣ ବିରୋଧୀ ଅଟନ୍ତି । ହିନ୍ଦୀ ଭାଷାକୁ ବିରୋଧ କରି ଅତୀତରେ ଦକ୍ଷିଣ ଭାରତରେ ପ୍ରବଳ ଜନ ଆନ୍ଦୋଳନ ଘଟିଛି ଏବଂ ଭାବପ୍ରବଣ ବ୍ୟକ୍ତିମାନେ ଆତ୍ମାହୂତି ଦେବାକୁ ପଛାଇ ନାହାନ୍ତି। ଗତ ୧୯୯୪ ମସିହା ସେପ୍ଟେମ୍ବର ମାସରେ ବାଙ୍ଗାଲୋର୍ ଦୂରଦର୍ଶନ କେନ୍ଦ୍ରରୁ ଆଞ୍ଚଳିକ କାର୍ଯ୍ୟକ୍ରମ ମଧ୍ୟରେ ଉର୍ଦ୍ଦୁ ଭାଷାରେ ସମାଚାର ପ୍ରଚାର କରାଯିବାରୁ ସେଠାରେ ବ୍ୟାପକ ହିଂସାକାଣ୍ଡ ଘଟି ଛୁରାମାଡ ଓ ପୋଲିସ୍‌ର ଗୁଳିଚାଳନା ଫଳରେ ୨୫ ଜଣ ଲୋକ ନିହତ ହୋଇଥିଲେ। ପରେ ସରକାର ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟାହାର କରି ନେବାକୁ ବାଧ୍ୟ ହୋଇଥିଲେ। ତେଣୁ ଭାରତରେ ଭାଷା ଏକ ସମ୍ବେଦନଶୀଳ ବ୍ୟାପାର ହୋଇପଡିଛି ଏବଂ ଏହି କାରଣରୁ ଉତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି ହୋଇଛି। ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି କାର୍ଯ୍ୟକାରୀ ହେବା ପରେ ଚେନ୍ନାଇ, ମୁମ୍ବାଇ ଓ ପଞ୍ଜାବ ଏହି ତିନୋଟି ପ୍ରଦେଶରେ ବିଭାଜନ ଘଟି ଆନ୍ଧ୍ର, ମହାରଷ୍ଟ୍ର, ଗୁଜୁରାଟ ଓ ହରିୟାନା ପ୍ରଭୃତି ନୂଆ ପ୍ରଦେଶମାନ ସୃଷ୍ଟି ହୋଇଛି । ଆସାମ ଓ ନେଫା ଅଂଚଳ ଏବେ ବହୁଧା ବିଭକ୍ତ ହୋଇଯାଇଛି । ସମ୍ବିଧାନରେ ପ୍ରଥମେ ୧୫ଟି ଭାଷାକୁ ସ୍ୱୀକୃତି ଦିଆଯାଇଥିବା ସ୍ଥଳେ ଦାବି ଓ ଆନ୍ଦୋଳନ ଫଳରେ ୧୯୯୨ ମସିହାରେ ସମ୍ବିଧାନ ସଂଶୋଧନ କରି କଙ୍କଣି, ମଣିପୁର ଓ ନେପାଳି ଭାଷାକୁ ସ୍ୱୀକୃତି ଦିଆଯାଇ ଏହି ସଂଖ୍ୟା ୧୮କୁ ବୃଦ୍ଧି କରାଯାଇଥିଲା । ପୁନରାୟ ୨୦୦୩ ର ସମ୍ବିଧାନ ସଂଶୋଧନ ଫଳରେ ଏହି ସଂଖ୍ୟା ବର୍ତମାନ ୨୨କୁ ବୃଦ୍ଧି ପାଇଛି।

ସଂପ୍ରତି ଆଞ୍ଚଳିକତାବାଦ ଜାତୀୟ ସଂହତି କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ ରୂପେ ଦେଖାଦେଇଛି । ବ୍ରିଟିଶ ଶାସନ କାଳରେ ସମଗ୍ର ଭାରତକୁ କଲିକତା, ମୁମ୍ବାଇ, ଚେନ୍ନାଇ ଏହି ଭଳି ତିନୋଟି ପ୍ରଦେଶରେ ବିଭକ୍ତ କରାଯାଇଥିଲା ଏବଂ ପ୍ରତ୍ୟେକ ପ୍ରଦେଶରେ ଜଣେ ଜଣେ ଲେଫ୍ଟନାଂଟ୍ ଗଭର୍ଣ୍ଣର ରହି ଶାସନ କରୁଥିଲେ । ସ୍ୱାଧୀନତା ପରେ ଭାରତରେ ପ୍ରଦେଶ ସଂଖ୍ୟା ଏବେ ୨୮ରେ ପହଂଚିଲାଣି। ଆସାମ ଓ ଉତ୍ତର ପୂର୍ବାଞ୍ଚଳ କ୍ରମେ ଖଣ୍ଡ ଖଣ୍ଡ ହୋଇ ମେଘାଳୟ, ନାଗାଲ୍ୟାଣ୍ଡ, ଅରୁଣାଚଳ, ମଣିପୁର, ମିଜୋରାମ୍ ପ୍ରଭୃତି ଆହୁରି ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଛି । ତଥାପି ଅଧିକ କ୍ଷୁଦ୍ର ରାଜ୍ୟ ଗଠନ ପାଇଁ ଉଦ୍ୟମ ଚାଲିଛି। ସଂହତି ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ପ୍ରଚାରମୂଳକ ଭାବେ ଅନେକ କାର୍ଯ୍ୟ କରୁଛନ୍ତି । ମେରା ଭାରତ୍ ମହାନ୍ ଧ୍ୱନି ଦେଇ ସରକାର ଜାତୀୟ ଭାବନାକୁ ଉଜ୍ଜୀବିତ କରିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ବିନିମୟ ପାଇଁ ବ୍ୟବସ୍ଥା କରାଯାଇଛି । ଗୋଟିଏ ଭାଷାର ସାହିତ୍ୟ କୃତିକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ପାରସ୍ପରିକ ଭାବ ବିନିମୟ ପାଇଁ ସରକାରୀ ସ୍ତରରେ ଯୋଜନା କରାଯାଇଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ ଭଳି ଅନୁଷ୍ଠାନ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୂରଦର୍ଶନ ଭଳି ଏ ଯୁଗର ଏକ ଶକ୍ତିଶାଳୀ ଗଣମାଧ୍ୟମ ଜରିଆରେ ସଂହତି ଓ ସହନଶୀଳତାର ପ୍ରଚାର କରାଯାଉଛି । ପାଠ୍ୟ ପୁସ୍ତକରେ ଜାତୀୟ ସଂହତି ସୃଷ୍ଟି କଲା ଭଳି ଲେଖା ଦିଆଯାଇ ସେ ଦିଗରେ ଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରାଯାଉଛି। ସମସ୍ତ ପ୍ରକାର ସରକାରୀ ଇଛା, ଆଗ୍ରହ ଓ ଉଦ୍ୟମ ସତ୍ତ୍ୱେ ଭାରତରେ ଦିନକୁ ଦିନ ସଂହତିର ଭାବ ଉଣା ହୋଇଯାଉଥିବାର ଲକ୍ଷ୍ୟ କରାଯାଉଛି । ଭାରତ ଭଳି ଏକ ବିରାଟ ଦେଶରେ ଯେଉଁଠି ଲୋକସଂଖ୍ୟା ଆସି ୧୩୨ କୋଟିରେ ପହଂଚିଲାଣି, ସେଠାରେ ଜାତୀୟ ସଂହତି ରକ୍ଷା କରିବା ଅବଶ୍ୟ କଷ୍ଟସାଧ୍ୟ । ତଥାପି ଏ ଦିଗରେ ଦେଶର ଶିକ୍ଷିତ ଓ ବୁଦ୍ଧିଜୀବୀ ଗୋଷ୍ଠୀ, ବିଶେଷ କରି ରାଜନୀତିକ ନେତୃବୃନ୍ଦ ସଚେତ ଓ ସତର୍କ ରହିବା ଏକାନ୍ତ ଜରୁରୀ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ଦୂରଭାଷ : ୭୯୭୮୪୩୯୨୧୪*

# ଭାରତ ଭକ୍ତିର ମୁହୂର୍ତ୍ତ




ଡାକ୍ତର ନୀଳମାଧବ ପୃଷ୍ଟି

ଭାରତୀୟ ଗଣତନ୍ତ୍ର କେଉଁ ଭାବେ ଶକ୍ତିଶାଳୀ ତାହା ଅଯୋଧ୍ୟାର ବହୁ ଆଲୋଚିତ ଓ ବିଶ୍ୱ ଗଣମାଧ୍ୟମର ପ୍ରମୁଖ ଖବର ସାଜିଥିବା ରାୟ ପ୍ରମାଣ କରିଛି। ଭାରତର ନ୍ୟାୟିକ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯାହାକି ପ୍ରତିଟି ଭାରତୀୟଙ୍କ ପାଇଁ ଚିରକାଳ ଅଭୁଲା ନିଶ୍ଚୟ। ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥା କେତେ ସୁଦୃଢ଼ ତାହା ସମଗ୍ର ବିଶ୍ୱ ଜାଣିବାକୁ ପାଇଛି ବୋଲି ଭାରତର ଶକ୍ତିଶାଳୀ ଓ ରାଷ୍ଟ୍ରଭକ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଗଠନ ହେବା ଦିନରୁ ଭାରତ ଏକ ଭିନ୍ନ ରକମର ପ୍ରଗତିଶୀଳ ରାଷ୍ଟ୍ର ଭାବେ ଆଗକୁ ପାଦ ପକାଇ ଚାଲିଛି। ସମଗ୍ର ଦେଶ ଏହାକୁ ଯେଉଁଭଳି ଭାବେ ଗ୍ରହଣ କରିଛି ତାହା ଭାରତୀୟ ସାମାଜିକ ବ୍ୟବସ୍ଥାର ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆଇନ ଭାଷାରେ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବୋଲି କୁହାଯାଏ। କିନ୍ତୁ ଭାରତର ସୁପ୍ରିମକୋର୍ଟ ଅଯୋଧ୍ୟା ରାୟ ପ୍ରକାଶ କରି ଦୃଢ଼ ଇଚ୍ଛାଶକ୍ତିର ପରିଚୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଆମ ସମସ୍ତଙ୍କ ପାଇଁ ଏକ ନୂତନ ସୂର୍ଯ୍ୟୋଦୟ ଆଣିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଘୃଣା, ହିଂସା ଓ ବିଦ୍ୱେଷର ସ୍ଥାନ ନାହିଁ ଏହା ଏହି ରାୟ ଦ୍ୱାରା ପ୍ରମାଣିତ ହୋଇଛି। ଆମେ ଏବେ ଭବିଷ୍ୟତ ଆଡ଼କୁ ଦୃଷ୍ଟିପାତ କରିବାକୁ ହେବ। ନୂଆ ଭାରତରେ ଅନେକ ଲକ୍ଷ୍ୟ ପୂରଣ କରିବାକୁ ହେବ। ତେବେ ଦେଶର ପ୍ରତ୍ୟେକ ନାଗରିକଙ୍କ ଉପରେ ଦେଶ ନିର୍ମାଣ ଦାୟିତ୍ୱ ବଢ଼ିଯାଇଛି। ଅଯୋଧ୍ୟା ରାୟକୁ ସବୁ ପକ୍ଷ ଖୋଲା ହୃଦୟରେ ସ୍ୱାଗତ କରିବା ଏକ ବହୁତ ବଡ଼ ଉପଲବ୍ଧି। ଏହା ବିବିଧତା ମଧ୍ୟରେ ଦେଶର ଏକତାକୁ ସାବ୍ୟସ୍ତ କରିଛି ଏବଂ ସମସ୍ତଙ୍କୁ ମିଳିମିଶି ଆଗକୁ ବଢ଼ିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ରାମଭକ୍ତି ହେଉ ବା ରହିମ୍ ଭକ୍ତି ବର୍ତ୍ତମାନ ଭାରତ ଭକ୍ତିର ସମୟ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ କାହାର ବିଜୟ କିମ୍ବା ପରାଜୟ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ଦେଶବାସୀ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଏହି ରାୟ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ପ୍ରତି ୧୩୦କୋଟି ଜନସାଧାରଣଙ୍କ ବିଶ୍ୱାସକୁ ଅଧିକ ମଜଭୁତ୍ କରିଛି। ସୁପ୍ରିମକୋର୍ଟ ପ୍ରଦାନ କରିଥିବା ଏହି ରାୟ ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ କେବଳ ଭାରତୀୟ ଗଣମାଧ୍ୟମ ନୁହେଁ ସବୁ ବିଶ୍ୱ ପ୍ରମୁଖ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟିଛି। ଭାରତର ସୁପ୍ରିମକୋର୍ଟର ମହାମହିମ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ପୀଠ ସର୍ବସମ୍ମତିକ୍ରମେ ଶୁଣାଇଥିବା ରାୟକୁ ଯୁଗ ଯୁଗ ପାଇଁ ନିଶ୍ଚିନ୍ତ ଭାବରେ ଐତିହାସିକ ଓ ସ୍ମରଣୀୟ ହୋଇରହିବ। ଆହ୍ଲାବାଦ ହାଇକୋର୍ଟ ଦ୍ୱାରା ବିବାଦୀୟ ଜମିକୁ ତିନି ପକ୍ଷଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ରାମଲଲା ବିରାଜମାନ ସପକ୍ଷରେ ରାୟ ଶୁଣାଇ ବିବାଦୀୟ ସ୍ଥଳରେ ହିଁ ମନ୍ଦିର ନିର୍ମାଣ ହେବ ଏବଂ ଏହି ଜମିକୁ ମନ୍ଦିର ନିର୍ମାଣ ପାଇଁ ହସ୍ତାନ୍ତର କରାଯିବ। ତିନି ମାସ ମଧ୍ୟରେ ଗଠିତ ହେବାକୁ ଥିବା ଟ୍ରଷ୍ଟ ଗଠନ ଲାଗି ପଦକ୍ଷେପ ନେବାକୁ କେନ୍ଦ୍ର ସରକାରକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ ନହେବା ପର୍ଯ୍ୟନ୍ତ ଏହି ଜମି କେନ୍ଦ୍ର ସରକାରଙ୍କ ମାଲିକାନାରେ ରହିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ଏହା ସହିତ ମସ୍‌ଜିଦ୍ ନିର୍ମାଣ ପାଇଁ ଅଯୋଧ୍ୟାର ଏକ ଉପଯୁକ୍ତ ଓ ପ୍ରମୁଖ ସ୍ଥାନରେ ପାଞ୍ଚ ଏକର ଜମି ସୁନ୍ନି ୱକଫ ବୋର୍ଡ଼କୁ ଦେବାଲାଗି କେନ୍ଦ୍ର ଓ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ କୁହାଯାଇଛି।

ଚିରକାଳ ପାଇଁ ପ୍ରତିଟି ଭାରତୀୟଙ୍କ ପାଇଁ ସ୍ମରଣୀୟ ହୋଇପାରିବା ପରି ଏହି ଯୁଗାନ୍ତକାରୀ ରାୟକୁ ଏହି ଲେଖକ ଅତି ବିନମ୍ର ଭାବେ ସହୃଦୟ ପାଠକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରୁଛି। ଏହି ପାଞ୍ଚଜଣିଆ ସାମ୍ବିଧାନିକ ପୀଠର ସମସ୍ତ ନ୍ୟାୟମୂର୍ତ୍ତୀ ବିଚାରପତି ମାନଙ୍କୁ ସହୃଦୟ ଭାବେ ଭାରତୀୟମାନେ ଅଭିନନ୍ଦନ ଜଣାଉଛନ୍ତି। ଏହି ସର୍ବସମ୍ମତ ରାୟ କାଳ କାଳ ପାଇଁ ଭାରତର ନ୍ୟାୟିକ ଇତିହାସରେ ଏକ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ସଫଳ ରାଷ୍ଟ୍ରନୀତିଜ୍ଞ ଭାବେ ଯେଉଁ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି ତାହା ବାସ୍ତବିକ ସ୍ୱାଗତଯୋଗ୍ୟ। ଜାତୀୟ ଏକତା ଓ ସଂହତିର ବିଜୟ ହୋଇଥିବା ଏହି ରାୟକୁ ଭାରତର ସମସ୍ତ ରାଜନୈତିକ ଦଳ ସମର୍ଥନ କରିଛନ୍ତି। ରାଷ୍ଟ୍ର ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ମଧ୍ୟ ସଂହତିର ମହାନ ରାୟକୁ ସ୍ୱାଗତ ଓ ସମର୍ଥନ କରିଛନ୍ତି। ତେବେ ବାସ୍ତବିକ ଆଗାମୀ ସମୟରେ ଆମ ଭାରତ ପାଇଁ ଏକ ବିରାଟ ସଂହତିର ବାର୍ତ୍ତା ହେବ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ମୁସଲିମ୍ ଓ ବିକଳ୍ପ ସ୍ଥାନରେ ମସ୍‌ଜିଦ ନିର୍ମାଣ ପାଇଁ ହିନ୍ଦୁମାନେ ସହଯୋଗର ହାତ ବଢାଇବା। ମହାନ ଆର୍ଯ୍ୟ ସନାତନ ସଂସ୍କୃତି ଘୋଷଣା କରେ ବସୁଧୈବକ କୁଟୁମ୍ବକମ୍ ଅର୍ଥାତ୍ ସମଗ୍ର ବସୁଧାରେ ଗୋଟିଏ ହିଁ ପରିବାର।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

# ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ଯଜ୍ଞଃ :-

ଗୀତାର ଅଧ୍ୟୟନରୁ ଜ୍ଞାତ ହୋଇଥାଏ ଯେ ବାଲ୍ୟକାଳରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଲହୁଣୀ, ମୂରଲୀ ଯେତିକି ପ୍ରିୟଥିଲା ସେତିକି ଗୀତା ମଧ୍ୟ ପ୍ରୀୟ ଥିଲା କର୍ମଯୋଗ ସଂଦର୍ଭରେ ଶ୍ରୀକୃଷ୍ଣ 'ଯଜ୍ଞ' ଶବର ଗମ୍ଭୀରତା ସହ ବିବେଚନା କରିଛନ୍ତି। ଗୀତାରେ ଶ୍ଳୋକ ଅଛି :- ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ।

ତଦର୍ଥ କର୍ମ କୌନ୍ତେୟ ମୁକ୍ତ ସଙ୍ଗଃ ସମାଚର।। ଈଶ୍ୱର ନିମିତ୍ତେ କରୁଥିବା ସମସ୍ତ କର୍ମ ଯଜ୍ଞ ଅଟେ। ରାଜ ବିଦ୍ୟାରାଜ ଗୁହ୍ୟ ଯୋଗ ଅଧ୍ୟାୟରେ ଶ୍ରୀକୃଷ୍ଣ ଆମ ମାନଙ୍କୁ ବୁଝାଇବା ପାଇଁ ସବୁଠାରୁ ସରଳ ଯାହାକି ଜୀବନ ପାଇଁ ଖୁବ୍ ଆବଶ୍ୟକ ତାହା ଶ୍ଳୋକରେ ଉପସ୍ଥାପନା କରିଛନ୍ତି।

ଯତ୍ କରୋଷି ଯଦଶ୍ନାଷି ଯଜ୍‌ଜୁହୋଷି ଦାଦସି ଯତ୍।

ଯତ୍ ତପସ୍ୟାସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍।।

ଭଗବାନ କହିଛନ୍ତି ହେ ଅର୍ଜ୍ଜୁନ! ତୁମେ ଭୋଜନ, ଦାନ ଇତ୍ୟାଦି ଯେକୌଣସି କର୍ମ କରୁଛ ତଥା ସ୍ୱ ଧର୍ମ ଆଚରଣ ରୂପ ତପକୁ ମୋତେ ଅର୍ପିର କରିଦିଅ ସେ ସବୁ ଯଜ୍ଞ ପାଲଟିଯିବ। ଭଗବାନ ନିଜର କଳ୍ପନା ଦ୍ୱାରା ଯେତେବେଳେ ସୃଷ୍ଟିର ସଂରଚନା କରିଥିଲେ ସେତେବେଳେ ତାହା ସହିତ କର୍ମ ରୂପକ ଯଜ୍ଞର ମଧ୍ୟ ଉତ୍ପତ୍ତି କରିଥିଲେ ଏବଂ କହିଥିଲେ ଉଚିତ୍ କର୍ମଯଜ୍ଞ କର ଏଥିରେ ତୁମର ପ୍ରଗତି ରହିଛି। ଉଚିତ୍ କର୍ମର ଫଳ ରୂପକ ପ୍ରୀୟବସ୍ତୁ ମାଗିବା ବିନା ମଧ୍ୟ ଆମକୁ ମିଳିଥାଏ। ଏହି ପ୍ରୀୟ ବସ୍ତୁତ ଦେବତା ମାନଙ୍କୁ ପ୍ରଥମେ ଅର୍ପିର କରି ଭୋଗ କରିବା ଉଚିତ୍। ଦେବତାଙ୍କୁ ଅର୍ପିର କରି ଗ୍ରହଣ କରିବା ଦ୍ୱାରା ତାହା ପ୍ରସାଦ ରୂପ ହୋଇଥାଏ। ଯାହାଦ୍ୱାରା ସମସ୍ତ ପାପ ବିନିଷ୍ଟ ହୋଇଥାଏ। କେବଳ ନିଜ ଶରୀରର ସୁଖ ପାଇଁ, ଭୋଗ ପାଇଁ ବଞ୍ଚୁଥିବା ବ୍ୟକ୍ତିକୁ ପରମ ପାପୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ସମସ୍ତ ପ୍ରାଣୀ ମାତ୍ର ଅନ୍ୟ ଦ୍ୱାରା ହିଁ ଉତ୍ପନ୍ନ। ଅନ୍ନର ଉତ୍ପତ୍ତି ବର୍ଷାରୁ ହୋଇଥାଏ। ସମସ୍ତ କର୍ମଯଜ୍ଞ ଦ୍ୱାରା ହିଁ ହୋଇଥାଏ। ବୃଷ୍ଟି ନିମନ୍ତେ ବୃକ୍ଷା ରୋପଣ ଓ ବୃକ୍ଷା ପୋଷଣ ଜରୁରୀ ଅଟେ। ଭଗବାନଙ୍କ କଥନ ଅନୁସାରେ ଈଶ୍ୱରଙ୍କ ପ୍ରୀତର୍ଥେ କର୍ମ ଯଜ୍ଞ କୁହାଯାଏ ତେଣୁ ଆମେ ଯଦି ବୃକ୍ଷା ରୋପଣ ବୃକ୍ଷା ପୋଷଣ କରିବା ଏହା ଯଜ୍ଞର ରୂପ ନେଇଥାଏ ଏବଂ କଲ୍ୟାଣ ସାଧନ ହୋଇଥାଏ। ରାଜା ଭଗୀରଥଙ୍କ ଦ୍ୱାରା ଗଙ୍ଗାଙ୍କର ଅବତରଣ ଶ୍ରୀରାମଚନ୍ଦ୍ରଙ୍କ ଦଶହଜାର ବର୍ଷ ପୂର୍ବରୁ ହୋଇଥିଲା। ତେବେ ଗଙ୍ଗୋତ୍ରୀର ଉଦ୍‌ଭବ ଆଜିଠାରୁ କୋଡିଏ ହଜାର ବର୍ଷ ପୂର୍ବରୁ ବୋଲି ମାନିବାକୁ ହେବ। ଗୋମୁଖ ଠାରୁ ଅର୍ଥାତ୍ ଯେଉଁଠାରୁ ଗଙ୍ଗାଙ୍କର ପ୍ରବାହ ଆରମ୍ଭ ବର୍ତ୍ତମାନ ତାହା ଗଙ୍ଗୋତ୍ରୀଠାରୁ ଅଠର କିଲୋମିଟର ଦୂରରେ ଆରମ୍ଭ ହେଉଛି। ତେବେ କୋଡିଏ ହଜାର ବର୍ଷ ଭିତରେ ହିମାଳୟ ଅଠର କିଲୋମିଟର ଦୂରକୁ ଘୁଞ୍ଚି ଯାଇଛି। ହିମାଳୟ ଦୂରକୁ ଦୂରକୁ ଘୁଞ୍ଚିଯିବା ବର୍ତ୍ତମାନ ଅତି ଦ୍ରୁତ ଗତିରେ ବଢ଼ିଚାଲିଛି। ଗ୍ଲାସିୟର ସବୁ ତରଳିବାରେ ଲାଗିଛି। ଏହାର କାରଣ ଆମେ ଆମର ସ୍ୱାର୍ଥ ଲାଗି ବୃକ୍ଷ କାଟିବାରେ ଲାଗିଛେ। ଗଙ୍ଗାର ପ୍ରବାହ ଯେତେବେଳେ ହିମାଳୟଠାରୁ ପ୍ରବାହିତ ହୋଇଥାଏ ସେତେବେଳେ ବିଭିନ୍ନ ଔଷଧୀୟ ବୃକ୍ଷର ସଂସ୍ପର୍ଶରେ ଆସି ବହୁ ଗୁଣକାରକ ଜଳରେ ପରିଣତ ହୋଇ ଲୋକ କଲ୍ୟାଣକାରୀ ହୋଇଥାଏ। ମାତ୍ର ବର୍ତ୍ତମାନ ଜଙ୍ଗଲ କାଟିବା ଦ୍ୱାରା ଗଙ୍ଗାରେ କେବଳ ମାଟିପାଣି ଛଡା ଅନ୍ୟ କିଛି ନାହିଁ ଏବଂ ଏହା ସହିତ ଅନେକ କାରଖାନାର ପାଣି ନଦୀକୁ ଛାଡିବା ଦ୍ୱାରା ଉପକାରୀ ଜଳ ଅପକାରୀରେ ପରିଣତ ହେଉଛି। ମନୁଷ୍ୟ ନିଜର ସ୍ୱାର୍ଥ ଭାବନାକୁ ତ୍ୟାଗ କରି ପ୍ରାକୃତିକ ସମ୍ପଦାକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବା ଉଚିତ ନିଜର ତଥା ଜଗତର କଲ୍ୟାଣ କରି ଶ୍ରୀକୃଷ୍ଣ କହିଥିବା କର୍ମଯଜ୍ଞର ମାର୍ଗରେ ଚାଲିବା ଉଚିତ।

ଯୋଗୀ ଲୋକ ଦେବତା ମାନଙ୍କର ପୂଜା କରିବା ଅଥବା ଜ୍ଞାନୀଜନ ପରବ୍ରହ୍ମ ପରମାତ୍ମା ରୂପରେ ନିଜକୁ ସ୍ଥିତି କରିବା ଦୁଇଟିଯାକ ଯଜ୍ଞ ଅଟେ। ଆଗକୁ ମଧ୍ୟ ଗୀତାରେ ଯଜ୍ଞର ବିବିଧତାର ବର୍ଣ୍ଣନା କରି କୁହାଯାଇଛି ଯେ :- ଦ୍ରବ୍ୟଯଜ୍ଞାତ୍ ତପୋଯଜ୍ଞା ଯୋଗ ଯଜ୍ଞାସ୍ତଥାପରେ ସ୍ୱାଧ୍ୟାୟ ଜ୍ଞାନ ଯଜ୍ଞାଶ୍ଚ ଯତୟଃ ଶଂସିତ ବ୍ରତାଃ।।

(କ୍ରମଶଃ)

## ଆଉ ଫେରିବନି ସେଦିନ



**ସୁଧାଂଶୁ ଶେଖର ଦ୍ୱିବେଦୀ**

ଏବେ ସହରାଭିମୁଖୀ ସଭିଏଁ
ବାକି ଯେଉଁମାନେ ରହିଛନ୍ତି
ସମ୍ପର୍କଠୁ ବହୁଦୂରରେ,
ଭୁଲିଗଲେଣି ଗାଁର ମୋହ
ବଦଳି ଗଲାଣି ଜୀବନର ମୋଡ,
କ୍ଷେତ୍ରରେ ଦିଶୁନି ସୁନାରଙ୍ଗ ଧାନର କନ୍ଧି
ବଉଳ ଗଛରେ ବସୁନି
ହଳଦୀ ବସନ୍ତ ଚଢ଼େଇ
ଆମ୍ବ ଡାଳରେ ବସି
କୋଇଲି ଗାଉନି ଗୀତ
ମାଛ ବି ଧରା ହେଉନି ଗାଁ ପୋଖରୀରୁ
କି ଛେଲା ବଳଦ ବେକର ଘଣ୍ଟି

ଶୁଭୁନି ଗାଁ ଗୋହିରୀରେ।
କଟା ଚାଲିଛି ଗଛ
ପୋତା ହେଉଛି ପୋଖରୀ
ଗଢ଼ି ଚାଲିଛି କଂକ୍ରିଟ ପ୍ରାସାଦ।
ଆଜି ଗାଁ ପବନରେ ନାହିଁ ସତେଜତା
କି ମାଟିର ବି ନାହିଁ ମହାକତା
ଜୀବନର ନାହିଁ ସରସତା।
ଯେମିତି ସବୁ ଶେଷ।
ଆଉ କି ଫେରିବ ସେଦିନ ?

ନିଜଠୁ ନିଜତ୍ୱ,
ମାଟିର ମମତ୍ୱ,
ଆପଣାଠୁ ଆପଣାତ୍ୱ ?

*ବିସି-୭୪, ସେକ୍ଟର-୧*
*ସଲଟ ଲେକ, କୋଲକାତା*
*ଦୂରଭାଷ : ୯୬୮୧୩୭୩୫*

## ମୃତ୍ୟୁ



**ପବିତ୍ର ବ୍ରହ୍ମପୁତ୍ର ନାୟକ**

ଦିନ ଆସିବ
ମୋର ବି ମୃତ୍ୟୁ ହେବ
ଫୁଲ ଝଡ଼ିଗଲା ପରି,
ଝଡ଼ ଥମିଗଲା ପରି,
ନଈ ବଢ଼ିରେ ଜୀବ ହରେଇ ଥିବା
ଖଜୁରି ଗଛର ପରି।

ଦିନ ଆସିବ
ମୋର ବି ମୃତ୍ୟୁ ହେବ
ଆମାଜନ୍ ଜଙ୍ଗଲରେ
ଚିତ୍କାର କରୁଥିବା
ବୟସ୍କ ମଇଁଷି ପରି

ବାଘ ମୁଖରେ।
ଭୋକର ଆଁ ପାଖରେ
ଦାଉ ସାଧୁଥିବା
କୋକିଶିଆଳମାନଙ୍କ ଲଢ଼େଇ ପାଖରେ,

ପିମ୍ପୁଡ଼ିମାନଙ୍କ ଧାଡ଼ିବିନ୍ଧ
ବସା ନିକଟରେ।

ମୋର ମୃତ୍ୟୁ ହେବ ନାହିଁ ବୋଲି
କିଏ କିଏ କହୁଛନ୍ତି,
ଶହେ ସାଲ୍ ଆୟୁ ତୁମର,
ଅଜାତ ସୁନ୍ଦରୀମାନେ ବ୍ୟଗ୍ର ତୁମ ପାଇଁ।
ସବୁ ପଛ କଥା
ମୋର ତ ମୃତ୍ୟୁ କେବେ ହୋଇ ସାରିଛି
ମୋ ଭିତରେ।

*ରାଜନଗର, କେନ୍ଦ୍ରାପଡ଼ା-୭୫୪୨୨୫*
*ମୋ : ୯୪୩୭୬୧୩୪୩୮*

# ଅଙ୍କୁରୋଦ୍‌ଗମ



**ବିନୟ ଭୂଷଣ ପାଣିଗ୍ରାହୀ**

*(ପୂର୍ବପ୍ରକାଶ ଉତ୍ତାରୁ)*

ମୁଁ ଥିଲି ତାଙ୍କର ସର୍ବୋତ୍ତମ ସାଥୀ। ମାଆ ମଧ୍ୟ ଠିକ ବାପାଙ୍କ ପରି। ସେ'ତ ଦୁଃଖ କଣ ଜାଣି ନଥିଲେ ବୋଧେ, ସବୁବେଳେ ହସହସ ମୁହଁ। ମୋ ଜାଣିବାରେ, ସେ ବଞ୍ଚୁଥିଲା କେବଳ ବାପାଙ୍କ ପାଇଁ ଆଉ ମୋ' ପାଇଁ। ଗୋଟିଏ ପିଲା ବୋଲି ମୁଁ ଥିଲି ବାପା ମା' ଉଭୟଙ୍କର ସବୁ ସୁଖଦୁଃଖର ଏକମାତ୍ର ଉତ୍ସ। ତେଣୁ, ମୋର ଛୋଟବଡ କୌଣସି ଗୋଟିଏ ଇଚ୍ଛାକୁ ଅପୂର୍ଣ୍ଣ ରହିବାକୁ ଦେଉ ନଥିଲେ ସେମାନେ।

ଆନିମିଆ ଯୋଗୁଁ ମା'ର ଦେହ ବହୁତ ସମୟରେ ଖରାପ ରହୁଥିଲା। ତା'ର ଇଚ୍ଛା ଥିଲା, ତା'ର କିଛି ଭଲମନ୍ଦ ହେବା ପୂର୍ବରୁ ମୋ'ର ବାହାଘର ଶୀଘ୍ର କରେଇ, ନାତି-ନାତୁଣୀ ସୁଖ ଭୋଗ କରିବ।

ସେଦିନ ସଂଧ୍ୟାରେ ଘରକୁ ଫେରିବା ବେଳକୁ ବାପା ଓ ମା' ଦୁଇଜଣ ଏଇଠି ଏଇ ବୈଠକ ଘରେ ବସିଥା'ନ୍ତି। ପରିବେଶରେ ବାରି ହେଇ ପଡୁଥିବା କିଛି ଗାମ୍ଭିର୍ଯ୍ୟ ରାଜୁତି କରୁଥିଲା। ମୁଁ ଘର ଭିତରକୁ ପଶୁପଶୁ ବାପା ହଠାତ୍ ଚଡ଼ା ଗଳାରେ ପଚାରିଲେ, ରହ, ପ୍ରଥମେ କହ ସେ ଝିଅ କିଏ? ତୋ'ରା ତା'ପାଖରେ କ'ଣ କାମ ପଡୁଛି ?

ଜୀବନରେ ପ୍ରଥମଥର ପାଇଁ ବାପାଙ୍କ ସାମ୍ନାରେ ଅପ୍ରସ୍ତୁତ ହେଇଯିବାର ଅନୁଭବ ଥିଲା। କାହିଁକି କେଜାଣି, ସାହାସ ଜୁଟାଇ ପାରିଲିନି ବାପାଙ୍କ ମୁହଁକୁ ସିଧା ଚାହିଁବା ପାଇଁ। ମା' ଆଡକୁ ଚାହିଁଲି, ସେ ବି ତଳକୁ ମୁହଁକରି ବସିଥିଲା। ଛେପ ଢୋକି, ସାମ୍ନା କାନ୍ଥ ଆଡକୁ ଚାହିଁ କହିଲି, କେଉଁ ଝିଅ! କାହିଁ?

ଖୁବ୍ ଜୋରରେ ହସି ଉଠିଲେ ବାପା, କହିଲେ, ଦେଖୁଛ ଚନ୍ଦ୍ରିକା, ବେଟା ଆମର କେମିତି ଛୁପା ରୁସ୍ତମ ହେଇଗଲାଣି। ଆରେ ତୁ ବେଟା ହେଲେ ମୁଁ ପରା ତୋ ବୋପା, ମୋତେ ତୁ ନକହିଲେ ତୁ କଣ ଭାବୁଛୁ ମୁଁ କିଛି ଜାଣି ପାରିବିନି। କହିସାରି ମୋ କାନ୍ଧ ଉପରେ ଥାପୁଡେଇ ପୁଣିଥରେ ଖୁବ ଜୋରରେ ହସି ଉଠିଲେ ବାପା, ମାଆ ମୁହଁରେ ବି ହସ ଲହଡି ଭାଙ୍ଗୁଥିଲା। ଡରଭୟ ସବୁ ଛାଡିଗଲା ମୁହୂର୍ତ୍ତକ ଭିତରେ। ଆଉ ଲୁଚେଇବାର ଉପାୟ କିମ୍ବା ଆବଶ୍ୟକତା ନଥିଲା। ମୋ ମୁହଁରୁ ସବୁକଥା ଶୁଣି ସାରିବା ପରେ ମାଆ ଏତେ ଖୁସି ହେଇଯିବ ବୋଲି ସ୍ୱପ୍ନରେ ମଧ୍ୟ କଳ୍ପନା କରି ନଥିଲି। ମା' କହିଲା, ପ୍ରଭୁ ଏତେ ଦିନକେ ମୋ ଡାକ ଶୁଣିଲେ ଶେଷରେ।

ତା'ପରଦିନ ବିବାହ ପ୍ରସ୍ତାବ, ଆଲୋଚନା ଓ ବିବାହ ସବୁକିଛି ସମ୍ପନ୍ନ ହେଇଗଲା ପରବର୍ତ୍ତୀ ମାସକ ଭିତରେ। ରାଜଶ୍ରୀ ବୋହୂ ହୋଇ ଆସିଲେ ଏ ଘରକୁ, ଖୁସିରେ ଉଛୁଳି ଉଠିଲା ଘରର କୋଣ ଅନୁକୋଣ। ଏକା ନିଶ୍ୱାସରେ ଏତକ କହିସାରି ଲମ୍ବା ନିଶ୍ୱାସଟିଏ ଛାଡି, ଗ୍ଲାସର ଡାଙ୍କୁଣୀ ବାହାର କରି ଢୋକେ ପାଣି ପିଇ ପୁଣି କହିବା ଆରମ୍ଭ କଲେ ଦେବବାବୁ। ବାପା ଓ ମା' ଉଭୟଙ୍କ କହିବା ମାନି ଚାକିରିରୁ ଇସ୍ତଫା ଦେଇ ବାପାଙ୍କ ବ୍ୟବସାୟରେ ମନୋନିବେଶ କଲି। ଏମିତି କହିବାକୁ ଗଲେ, ମୁଁ କେବଳ ଖୁସିରେ ଚାକିରି କରୁଥିଲି, ଆବଶ୍ୟକତା ପୂରଣ କରିବା ପାଇଁ ନୁହେଁ। ବାପାଙ୍କର ଯେତିକି ସମ୍ପତ୍ତି ଥିଲା ସେତକ ପରବର୍ତ୍ତୀ ୩/୫ ପିଢ଼ିପାଇଁ ଆବଶ୍ୟକତା ଠାରୁ ଅଧିକ ଥିଲା। ଯେଉଁଦିନ ମା' ଜାଣିଲା ଯେ ସେ ଜେଜେମା ହେବାକୁ ଯାଉଛି ସେଦିନଟି ବୋଧେ ତା ଜୀବନର ସବୁଠାରୁ ଖୁସିର ଦିନ ଥିଲା। ରାଜଶ୍ରୀ ହାତରୁ ସବୁ କାମ ଛଡେଇ ନେଲା ସେ ଏକାବେଳକେ। ଦାନ ଧର୍ମ, ପୂଜାପାଠ ଭିତରେ ଘର ଗୋଟେ ମନ୍ଦିର ପାଲଟି ଗଲା ଭଳି ଲାଗିଲା। ବାପା ବ୍ୟବସାୟରୁ ଧ୍ୟାନ ହଟାଇ ଉତ୍ତରାଧିକାରୀର ସ୍ୱାଗତ ପାଇଁ ଏକ ଦୀର୍ଘକାଳୀନ ପ୍ରସ୍ତୁତିରେ ଲାଗି ପଡିଲେ।

ବେଳେବେଳେ ଏମିତି ବି ହୁଏ ଯେ, ଏତେବେଶି ସୁଖ ମିଳେ ଯାହା ଭୋଗ କରିବାକୁ କପାଳ ମିଳେନି। ଚାହୁଁଚାହୁଁ ବହୁ ପ୍ରତୀକ୍ଷିତ ଅତିଥି ଆଗମନର ଦିନ ଉପସ୍ଥିତ ହେଲା। କଟକ ସହରର ସବୁଠାରୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ପ୍ରାଇଭେଟ ନର୍ସିଂହୋମ 'ଦ ମେଡି-ହେଭେନ'ର ମ୍ୟାଟରନିଟି କ୍ଲିନିକର ଲେବର ରୁମ ଭିତରକୁ ରାଜଶ୍ରୀ ଯିବା ପରେ ଆମେ ସମସ୍ତେ ବର୍ଣ୍ଣନାତୀତ ଉତ୍କଣ୍ଠାର ସହ ଅପେକ୍ଷା କରୁଥିବା ସୁଖକର ଖବରଟି ଏତେବେଶି ଯନ୍ତ୍ରଣାଦାୟକ ହେଇପାରେ ବୋଲି କେହିବି ମାନି ନେଇ ପାରି ନଥିଲୁ।

ପୁଣିଥରେ ପାଣିଗ୍ଲାସ ଆଡକୁ ହାତ ବଢ଼ଉ ବଢ଼ଉ ବାଁ କାନ୍ଧ ସହାୟତାରେ ଗାଲ ଉପରକୁ ଗଡି ଆସୁଥିବା ଲୁହକୁ ପୋଛିନେଇ, ବସି ଆସୁଥିବା ଗଳା ଝାଡି ପୁଣି ଗ୍ଲାସଟିକୁ ଖାଲି କରି ସାରି ଅଧାରେ ଛାଡିଥିବା କଥାକୁ ଆଗକୁ ବଢ଼େଇବାକୁ ଚେଷ୍ଟା କଲା ବେଳକୁ ପଥର ପାଲଟି ଯାଇଥିବା କାମିନୀ ପଚାରିବ ନା ପଚାରିବନି ଭାବୁ ଭାବୁ ଅତର୍କିତ ଭାବେ ବ୍ୟସ୍ତତାଭରା କଣ୍ଠରେ ପଚାରିଦେଲା, ତା'ପରେ କଣ ହେଲା ବାବୁ?


ଡାକ୍ତର ଆଶୁତୋଷ ମିଶ୍ର ଲେବର ରୁମର ପରଦା ଆଡେଇ ବାହାରିବା ପରେ ହାତରୁ ଗ୍ଲୋଭସ ଖୋଲୁଖୋଲୁ ଅନୁକମ୍ପା ଭରା କଣ୍ଠରେ କହିଲେ ଯେ, ଶିଶୁପୁତ୍ରଟି ପ୍ରାୟ ସପ୍ତାହେ ପୂର୍ବରୁ ଏକ୍ସପାୟର କରି ସାରିଥିଲା। ତୁରନ୍ତ ଅପରେସନ ନ କରିଥିଲେ ପ୍ରସୂତୀର ପ୍ରାଣ ଚାଲିଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରି ନ'ଥାନ୍ତା। ତୁରନ୍ତ ରାଜଶ୍ରୀଙ୍କୁ ଲେବର ରୁମରୁ ଓଟିକୁ ସ୍ଥାନାନ୍ତରିତ କରାଗଲା। ଡାକ୍ତରଙ୍କର ବହୁ ପ୍ରଚେଷ୍ଟା ଦ୍ୱାରା ରାଜଶ୍ରୀଙ୍କ ଜୀବନ ବଞ୍ଚିଗଲା ହେଲେ, ଡାକ୍ତରଙ୍କ ଘୋଷଣା ଓ କଡା ଚେତାବନୀ କେବଳ ରାଜଶ୍ରୀଙ୍କୁ ନୁହେଁ ମୋ' ସମେତ ମୋ ପରିବାରର ଜଣଜଣ କରି ସମସ୍ତଙ୍କୁ ଏକ ପ୍ରକାର ଜୀବନ୍ତ-ନିର୍ଜୀବ କରିଦେଲା। 'ରାଜଶ୍ରୀ କେବ ମା' ହୋଇପାରିବେନି ଏବଂ ଭୁଲରେ ମଧ୍ୟ ଯଦି ସେଥିପାଇଁ ପ୍ରଚେଷ୍ଟା କରାଯାଏ ତେବେ ତାଙ୍କୁ ଜୀବିତ ରଖିବା ଅସମ୍ଭବ।'

ସ୍ୱ-ଅର୍ଜିତ ଅଗାଧ ସମ୍ପତ୍ତି ସବୁକୁ ମୋ'ଅନ୍ତେ ଭୋଗ-ଦଖଲ କରିବା ପାଇଁ କେହି ଉତ୍ତରାଧିକାରୀ ନ ରହିବା ତଥା ଆମ ଦୁହିଁଙ୍କ ଦୁର୍ଭାଗ୍ୟର ବେଦନା ସହିବା ବାପାଙ୍କ ସହ୍ୟ ଶକ୍ତି ବହିର୍ଭୁତ ଥିଲା, ମା' ପାଇଁ ତତୋଧିକ। ପନ୍ଦର ଦିନ ପରେ ରାଜଶ୍ରୀ ସମ୍ପୂର୍ଣ୍ଣ ସୁସ୍ଥ ହେଇ ଘରକୁ ଫେରିବା ଦିନ ହାର୍ଟଆର୍ଟାକରେ ବାପା ଦୁନିଆ ଛାଡିଲେ। ବାପା ଆଉ ମା'ଙ୍କ ଭିତରେ ଭଲ ପାଇବା କଳ୍ପନାତୀତ ଥିଲା, ଜଣଙ୍କ ବିନା ଆଉଜଣେ ମୁହୂର୍ତ୍ତେ ବଞ୍ଚିବା ଅସମ୍ଭବ ଥିଲା। ବାପାଙ୍କ ଯିବା ପରେ ମାଆ କାନ୍ଦି କାନ୍ଦି ବିଧବା ମଧ୍ୟ ହେଇ ନଥିଲେ। ସେଥିପାଇଁ ତା'ପାଖରେ ଅବକାଶ ନଥିଲା। ଉଭୟଙ୍କୁ ଗୋଟିଏ ଜୁଇରେ ଶୁଆଇ ମୁଖାଗ୍ନି ଦେବା ସମୟରେ ମୋ' ଆଖିରେ ଲୁହ ନଥିଲା, ଛାତିରେ କୋହ ନଥିଲା। ସେଇଦିନ ମୁଁ ବୁଝିଲି ଯେ ସୁଖ ହେଉ ବା ଦୁଃଖ ହେଉ, ଏକ ନିର୍ଦ୍ଦିଷ୍ଟ ମାତ୍ରା ପାରି ହେଇଗଲେ ଏକ ଭିନ୍ନ ଅବସ୍ଥାକୁ ପରିବର୍ତ୍ତିତ ହୋଇଯା'ନ୍ତି ଯାହା ଅନୁଭବ ରହିତ କରିଦିଏ ଭୋଗୁଥିବା ମଣିଷକୁ।

ସମୟ ମଣିଷ ମାନଙ୍କୁ ଧୀରେ ଧୀରେ ନିଜ ନିଜର ଦୁଃଖ ମାନଙ୍କ ସହ ସାଲିସ କରେଇ ଦେଇ ଆଗକୁ ବଞ୍ଚିବା ଶିଖାଇ ଦିଏ।

ଆମ ଦୁହିଁଙ୍କ କ୍ଷେତ୍ରରେ ମଧ୍ୟ ଠିକ ସେୟା ହିଁ ହେଲା, ଆମେ ବଞ୍ଚିବା ଶିଖିଗଲୁ ଆମ ଭିତରେ ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଥିବା ହତାଶ ପଣକୁ ବୁଝେଇ ବୁଝେଇ ଆପଣାର ପ୍ରାରବ୍ଧ କିମ୍ବା ଦୁର୍ଭାଗ୍ୟ ମାନିନେଇ। ଏମିତି ଦିନଟେ ମୁଁ ଦେଖିନି ଯେଉଁଦିନ ରାଜଶ୍ରୀ ନିଜର ମନକୁ ଯଥାସମ୍ଭବ ବୁଝେଇବାକୁ ଚେଷ୍ଟା କରି ଅସଫଳ ହେଇ ନାହାନ୍ତି ଆଉ ଲୁଚିଲୁଚି ନ କାନ୍ଦିଛନ୍ତି ପିଲାଟିଏ ପାଇଁ। ଏ ବଂଶକୁ ଉତ୍ତରାଧିକାରୀଟିଏ ଦେଇ ନ ପାରିବାର କ୍ଷୋଭ ତାଙ୍କ ଜୀବନର ସବୁଯାକ ସୁଖଶାନ୍ତି କୁ ପାଣ୍ଡୁର କରିଦେଇଛି। ଏମିତି ବି ନୁହେଁ ଯେ, ଆମେ ଅନ୍ୟ କୌଣସି ଡାକ୍ତର ପରାମର୍ଶ କରିନାହୁଁ। ଭେଲୋର, ବାଙ୍ଗାଲୋର, ଦିଲ୍ଲୀ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବହୁ ଡାକ୍ତରଙ୍କ ସହ ପରାମର୍ଶ କରି ନିରାଶ ହେଇଛୁ। ମୁଁ ବି ଅନ୍ୟ ମାନଙ୍କ ଭଳି ଜଣେ ସାଧାରଣ ମଣିଷ, ସିଦ୍ଧ ଯୋଗୀ ନୁହେଁ କିମ୍ବା ଦେବତା ମଧ୍ୟ ନୁହେଁ। ମୋତେ ମଧ୍ୟ ସେଇ ଏକା ଅଭାବବୋଧ ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ କରି ଚାଲିଛି ବର୍ଷବର୍ଷ ଧରି। ଜଣେ ସକ୍ଷମ ପୁରୁଷକୁ ବାପା ନହେଇ ପାରିବାର ଦୁଃଖ, ଜଣେ ନାରୀକୁ ମା' ନହେଇ ପାରିବାର ଦୁଃଖ ଠାରୁ ଅଧିକ ନ ହେଇପାରେ, କମ କଦାପି ନୁହେଁ।

କେବେକେବେ ଭାବିଛି, କୌଣସି ଅନାଥାଶ୍ରମରୁ ପିଲାଟିଏ ଆଣି ରାଜଶ୍ରୀଙ୍କ ରିକ୍ତ କୋଳ ଭରି ଦେବା ପାଇଁ। କିନ୍ତୁ ଦୃଢ଼ ସିଦ୍ଧାନ୍ତ ନେଇ ପାରିନାହିଁ କୌଣସି ଥର। କେମିତି ପାରନ୍ତି ଯେ। ଜଣେ ସମର୍ଥ ପୁରୁଷ ହେଇ ନିଜର ସାମର୍ଥ୍ୟ ଉପରୁ ଆସ୍ଥା ତୁଟାଇ ଦେବା କ'ଣ ଏତେ ସହଜ! ଏ ପୃଥିବୀରେ କେବଳ ମଣିଷ ଏକ ଏମିତି ପ୍ରାଣୀ ଟିଏ ନିଜର ଇପ୍ସିତ ଅପୁରଣୀୟ ଜାଣି ସୁଦ୍ଧା ଭରପୁର ଭବିଷ୍ୟତର ସ୍ୱପ୍ନ ଦେଖିପାରେ। 'ଶେଷ କେଇପଦ କଥା କହିଲା ବେଳେ ଦେବବାବୁଙ୍କ ଭିତରୁ ଜଣେ ଖୁବ ଶକ୍ତ, ସମର୍ଥ ଏବଂ ଦୃଢ଼ ସଂକଳ୍ପ ପୁରୁଷର ଆତ୍ମବିଶ୍ୱାସରେ ଭରପୁର ଦୃଷ୍ଟି କାମିନୀର ଦେହ ଓ ମନ ଉପରେ ଅନ୍ତରଙ୍ଗ ଆଧିପତ୍ୟ ବିସ୍ତାର କରି ଧୀରେ ଧୀରେ ତା'ର ଆତ୍ମସତ୍ତାକୁ କବଳିତ କରି ନେଉଥିଲା। ତା'ଭିତରର ସମ୍ବେଦନଶୀଳ ନାରୀଟି ତା' ନିଜର ପବିତ୍ର ଗର୍ଭରେ ଦେବବାବୁଙ୍କ ବଂଶର ଉତ୍ତରାଧିକାରୀ ପାଇଁ କ୍ଷେତ୍ର ପ୍ରସ୍ତୁତି କରିବା ଆରମ୍ଭ କରିଦେଇ ସାରିଥିଲା। ବିଚାରୀ ରାଜଶ୍ରୀ ଦେବୀଙ୍କ ଶୂନ୍ୟ କୋଳକୁ ପୂର୍ଣ୍ଣ କରିଦେଇ ତାଙ୍କ ଆଖିର ଶେଷ ଲୁହ ଟିକକ ପିଇନବାର ଦୃଢ଼ ପ୍ରତିଜ୍ଞା ତାକୁ ଦେବବାବୁଙ୍କ ସମର୍ଥ ବାହୁବେଷ୍ଟନୀ ଭିତରକୁ ଟାଣି ନେଉଥିଲା ଧୀରେ ଧୀରେ। ଦେବବାବୁଙ୍କ ସକ୍ଷମ ପୁରୁଷତ୍ୱ ଅବିଳମ୍ବେ କାମିନୀର ସର୍ବାଙ୍ଗକୁ ଶିହରିତ କରି ସଞ୍ଚାର ଗଲା ତା'ର ଶିରା ଧମନୀରେ। ସମ୍ଭାବନା ଶୂନ୍ୟ ମରୁବାଲି ଉପରେ ସବୁଜ ଭବିଷ୍ୟତର ଦୀଗନ୍ତ ବିସ୍ତାରି ସବୁଜିମା ଭରି ଦେବା ପାଇଁ ଏବେ ଏବେ ମାଟିକୁ ଛାଇଁଥିବା କ୍ଷୁଦ୍ର ସରୁ ଚେରଟିକୁ ମାଟିର ମୋହରେ ବାନ୍ଧି ଚାଲିଥିଲା।




*ହରରସିଂହପୁର, ପିରହାଟ ବଜାର, ଭଦ୍ରକ*
*ଦୂରଭାଷ : ୯୪୩୮୬୭୦୧୨୦*

## ପାଉଁଶ ତଳର ନିଆଁ



**ନମିତା ମନୋହାରୀ**



ଆସିଥିଲ ଦିନେ
ମନ ଅଗଣାରେ
ପ୍ରୀତିର ସ୍ତବକ ହୋଇ
ସେଇ ପ୍ରୀତି ଫୁଲ
ମଉଳି ଗଲା ଯେ
ଝରା ଶେଫାଳୀଟେ ପରି!
ଚୋରା ଚଇତାଳି
ଛୁଇଁ ଦେଇଗଲା
ମହ ମହ ହୋଇ
ବାସୁଥିଲା ଏଇ ମନ!
ମନର ଗହନେ
ଲାଗିଥିଲା ନିଆଁ
ରହିଲା ସପନ ହୋଇ
ମଧୁର ଲଗନ
ପ୍ରୀତିରେ ମଗନ
ଏକ ଥିଲେ ଆର କରେ!
ଜହ୍ନ ହସୁଥିଲା
କିରି କିରି ହୋଇ
ଫୁଲେଇ ତାରାଙ୍କ ମେଳେ
ପାହି ଆସୁଥିଲା
ମଧୁଝରା ରାତି
ସପନରେ ଥିଲି ମଜ୍ଜି!


କୁହୁକିନୀ ରାତି
କିମିଆ କରିଲା
ମନଟା ଗଲା ମୋ ହଜି!
ସ୍ମୃତି ସିନା ଅଟେ
ମନର ଦହନ
ପାଉଁଶ ତଳର ନିଆଁ
ମନ ଗହନର
ଅକୁହା କଥା ସେ
ଭୁଲି ପାରେ ନାହିଁ ତାହା।

*ସରକାରୀ ଚିକିତ୍ସାଳୟ, ଢେଙ୍କାନାଳ*
*ଦୂରଭାଷ : ୭୮୯୪୭୬୮୧୦୯*

## ବାପା



**ମନୋଜ ଆଚାର୍ଯ୍ୟ**




ତୁମେ ଚାଲିଗଲା ପରେ
ପରିବାର ଆଜି ଶୂନଶାନ
କାହାରି ମୁହଁରେ ହସ ନାହିଁ
ସାରାଦିନ ସାରା ରାତି...
ତୁମ ପ୍ରତିଛବି ନାଚି ଉଠେ...
ମନ ତଳେ କୋହ ଉଠେ
ଅଦିନିଆ ମେଘଖଣ୍ଡେ ପରି
ଅଜାଡି ଦେବ କି...
ଅସରାଏ ଲୁହ!
ବାପା ତୁମେ ଚାଲିଗଲା ପରେ...
ବୋଉ, ମୋର ମନ ମାରି ଗୁମୁରି କାନ୍ଦୁଛି...
ତୁମକୁ ଝୁରୁଛି...
ତୁନି ହୋଇ ଅନାଇଛି ପଥ ...
ମନେପଡେ ପଛକଥା...
ବାହୁନି ବାହୁନି ବଖାଣୁଛି
ତୁମ ସ୍ନେହ ପ୍ରେମ...
ହାତଛାଡି ଚାଲିଗଲ
ସମୟକୁ ଦି'ପାଦେ ଠେଲିଦେଇ
ବୁଝାଇ ପାରୁନି ନିଜ ମନ।
ବାପା, ତୁମେ ଚାଲିଗଲା ପରେ
ପାଦ ତଳୁ ମାଟି ଗଲା ଖସି...
ଚାରିଆଡେ ଅନ୍ଧକାର
କୋହ ବନ୍ଧ ଭାଙ୍ଗି ଗଲା...
ଲୋତକ ବନ୍ୟା...
ଶୋକ ସାଗରରେ ଭାସିଗଲେ
ପରିବାରବର୍ଗ ବନ୍ଧୁ ଆତ୍ମୀୟସ୍ୱଜନ।


ବାପା ତୁମେ ଥିଲ...
ମୋର ବଳ ସାମର୍ଥ୍ୟ ପଥ ପ୍ରଦର୍ଶକ
ମୋ ହୃଦୟର ଅସୀମ ସାହସ
ଆମ ସଂସାର ଡଙ୍ଗାର ନାଉରୀ
ସତ୍ୟ ଧର୍ମ ଶାନ୍ତି ମୈତ୍ରୀ
ସେବା ପରଷୁଥିଲ ଜନମାନସେ...
ବୋହି ନେଇଥିଲ ଆଜି ଯାଏଁ
ସଂସାର ବୋଝ...
ଏବେ ତମ ବୋଝ ମୋ ମୁଣ୍ଡରେ ଥୋଇ
ଚାଲିଗଲ ଆରପାରି ଏକ ମୁହାଁ ହୋଇ...
ସ୍ମୃତି ଥାପିଦେଇ ହୃଦୟରେ।

*ଜଗତସିଂହପୁର*
*ଦୂରଭାଷ : ୯୩୩୭୫୫୩୫୮୯*

## ପିଲାଙ୍କ ଦୁନିଆ







**କୌଶିକ କୁମାର ମହାପାତ୍ର**
ଷ୍ଟାଣ୍ଡାର୍ଡ-୨
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର



**ସୌସ୍ତିକ କୁମାର ମହାପାତ୍ର**
ଷ୍ଟାଣ୍ଡାର୍ଡ-ଏଲ୍‌କେଜି
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର




# ମଦ ପ୍ରସାରଣ ଉଦ୍ୟମକୁ ଦୃଢ଼ ବିରୋଧ

**ଭୁବନେଶ୍ୱର :** ଓଡ଼ିଶାରେ ପୁଣି ମଦ ଦୋକାନ ସଂଖ୍ୟା ବଢ଼ାଇବା ପାଇଁ ରାଜ୍ୟ ସରକାର ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି ତାହାକୁ ଓଡ଼ିଶା ମଦମୁକ୍ତି ଅଭିଯାନ ଦୃଢ଼ ବିରୋଧ କରିଛି । ରାଜ୍ୟ ସରକାର ତୁରନ୍ତ ଏଭଳି ଜନବିରୋଧୀ ନିଷ୍ପତି ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ ସାଧାରଣ ଲୋକ ବିଶେଷ କରି ମହିଳା ଓ ଶିଶୁମାନଙ୍କର ନିରାପତା ଓ ସ୍ୱାର୍ଥରକ୍ଷା ତଥା ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ତୁରନ୍ତ ନିଶା ନିବାରଣ ଆଇନକୁ ସଂଶୋଧନ ସହ କଡ଼ାକଡ଼ି ଭାବେ ଲାଗୁ କରିବାକୁ ମଦମୁକ୍ତି ଅଭିଯାନ ପକ୍ଷରୁ ଦାବି ହୋଇଛି । ଏଠାରେ ଉଲ୍ଲେଖନୀୟ ଯେ ବିଭିନ୍ନ ଜିଲ୍ଲାରେ ଅଧିକ ସଂଖ୍ୟକ ମଦ ଦୋକାନ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାପାଳମାନଙ୍କୁ କୁହାଯିବା ପରେ ଏବେ କେଉଁସବୁ ସ୍ଥାନରେ ନୂଆ ମଦ ଦୋକାନ ଖୋଲାଯିବ ସେଥିଘେନି ଉଭୟ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ତନାଘନା ଚାଲିଛି । ଓଡ଼ିଶା ମଦମୁକ୍ତି ଅଭିଯାନର ଆବାହିକା ପ୍ରମିଳା ସ୍ୱାଇଁ ଓ ଅନ୍ୟତମ ଉପଦେଷ୍ଟା ପ୍ରହଲାଦ କୁମାର ସିଂହ କହିଛନ୍ତି ଯେ ନିଶା ସେବନର ଭୟାବହତା ଉପଲବ୍ଧି କରି ଓଡ଼ିଶା ସରକାର ୨୦୧୩ ଏପ୍ରିଲ ମାସରେ ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଗଭୀର ଉଦବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଯୁବପିଢ଼ିକୁ ନିଶାରୁ ଦୂରେଇବା ପାଇଁ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬ ବର୍ଷ ତଳେ ଏହି ନୀତି ଘୋଷଣା କରାଯାଇଥିଲେ ମଧ୍ୟ ସରକାର ଗୋଟିଏ ହେଲେ ଗାଁକୁ ନିଶାମୁକ୍ତ କରିପାରିନଥିବାବେଳେ ବରଂ ଅଧିକରୁ ଅଧିକ ଯୁବକ କିଭଳି ନିଶାଗ୍ରସ୍ତ ହେବେ ସେଥିପାଇଁ ବନ୍ଦୋବସ୍ତ କରିଛନ୍ତି । ବିହାର ଭଳି ରାଜ୍ୟ ନିଶା ନିବାରଣ କରି ବେଶ ସଫଳତା ହାସଲ କରିଥିବାବେଳେ ଏ ବର୍ଷ ଆନ୍ଧ୍ରପ୍ରଦେଶ ୬୦୦ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ବନ୍ଦ କରି ପର୍ଯ୍ୟାୟକ୍ରମେ ତାଙ୍କ ରାଜ୍ୟକୁ ନିଶାମୁକ୍ତ କରିବାକୁ ଯାଉଛନ୍ତି । କେରଳ, ଗୁଜରାଟ ଆଦି କେତେକ ରାଜ୍ୟ ନିଶା ନିବାରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଓଡ଼ିଶା କିନ୍ତୁ ନିଶା ପ୍ରସାରଣରେ ମାତିଥିବାରୁ ଏହା ଏବେ ବି ଦେଶର ଅନ୍ୟତମ ପଛୁଆ ରାଜ୍ୟ ହୋଇ ରହିଛି । ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମହୁଲି ଓ ଦେଶୀ ମଦ ନିଷିଦ୍ଧ କରାଯିବା ସଙ୍ଗେ ସଙ୍ଗେ ବିଦେଶୀ ମଦ ଉପରେ କଟକଣା ରହୁଥିଲା । କିନ୍ତୁ ପରବର୍ତୀ ସମୟରେ ସରକାର ମହୁଲି ଓ ଦେଶୀ ମଦ ପ୍ରଚଳନ ସହିତ ବିଦେଶୀ ମଦର ଲଗାମଛଡ଼ା ପ୍ରସାର କରୁଛନ୍ତି । ୨୦୦୦-୦୧ ବର୍ଷ ବେଳକୁ ଓଡ଼ିଶାର ଅବକାରୀ ରାଜସ୍ୱ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିବାବେଳେ ଗତବର୍ଷ ଏହା ୩,୯୨୫ କୋଟି ୪୧ ଲକ୍ଷ ଟଙ୍କାରେ ପହଞ୍ଚିଛି ଓ ଏ ବର୍ଷ ସରକାର ଏଥିରୁ ୪,୬୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି । ମଦର ପ୍ରସାର ଯୋଗୁ ଓଡ଼ିଶାରେ ବଳାତ୍କାର ସମେତ ଜଘନ୍ୟ ମହିଳା ହିଂସା ଅପରାଧମାନ ବଢ଼ିଚାଲିଛି । ଏଥିଯୋଗୁ ଆଇନ ଶୃଙ୍ଖଳା ଅବସ୍ଥା ବିଗିଡ଼ିବା ସଙ୍ଗେ ସଙ୍ଗେ ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ରୋଗବ୍ୟାଧି ବଢୁଛି ଏବଂ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ନିରାପତା ଯୋଜନାରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁ ନାହିଁ । ମୋଟାମୋଟି ଭାବେ ନିଶାରୁ ସରକାର ଯେତେ ରାଜସ୍ୱ ପାଉଛନ୍ତି ବ୍ୟକ୍ତି, ପରିବାର, ସମାଜ ଓ ସରକାର ଏ ବାବଦରେ ତାହାର ଢେର ଅଧିକ ଗୁଣା କ୍ଷତି ଭରଣା କରୁଛନ୍ତି । କେବଳ ମଦ ବ୍ୟବସାୟୀମାନଙ୍କ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ସେମାନଙ୍କ ଲବିର ଚାପରେ ଓଡ଼ିଶାରେ ମଦର ବନ୍ୟା ବଢୁଛି । ସେମାନେ ଏଭଳି ପୃଷ୍ଠପୋଷକତା ପାଉଛନ୍ତି ଯେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ବାର୍ଷିକ ୧୦ ପ୍ରତିଶତ ହୋଇପାରୁ ନାହିଁ । ନିଶା ସମସ୍ୟାରେ ଅତିଷ୍ଠ ହୋଇ ରାଜ୍ୟର ବିଭିନ୍ନ ଅଂଚଳରେ ସାଧାରଣ ଲୋକେ ବିଶେଷ କରି ଦଳମତ ନିର୍ବିଶେଷରେ ମହିଳାମାନେ ରାଜରାସ୍ତାକୁ ଆସି ନିଶା ନିବାରଣ ପାଇଁ ଦାବି କରୁଥିବାବେଳେ ସରକାର ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହି ଦାବିକୁ ମାନିନେବା ପରିବର୍ତେ ଓଲଟା ନିଶା ପ୍ରସାରଣରେ ମାତୁଛନ୍ତି । ଏ ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ତିଆରି ହୋଇଥିବା ଓଡ଼ିଶା ନିଶା ନିବାରଣ ଆଇନ୍, ୧୯୫୬କୁ ମଧ୍ୟ ସରକାର ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ ଉଲ୍ଲେଖ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ଗାନ୍ଧୀଜୀଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଥିବା ପରିପ୍ରେକ୍ଷୀରେ ତୁରନ୍ତ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବାକୁ ଓଡ଼ିଶା ମଦମୁକ୍ତି ଅଭିଯାନ ସରକାରଙ୍କ ନିକଟରେ ଦାବି କରିଛି । ଦଳମତ ନିର୍ବିଶେଷରେ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ଓ ସଚେତନ ନାଗରିକମାନେ ଏ ପ୍ରସଙ୍ଗରେ ଆଗେଇ ଆସିବାକୁ ଅଭିଯାନ ପକ୍ଷରୁ ନିବେଦନ କରାଯାଇଛି ।

# ମାତାଲ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟ; ଭଗବାନଙ୍କ ଭରସାରେ ରୋଗୀ

**ବାରିପଦା:** ସରକାରୀ ଯୋଜନାର ସଫଳ ରୂପାୟନ ସହ ପ୍ରଶାସନର ସ୍ପନ୍ଦନ ସାଧାରଣରେ ପ୍ରତିଫଳିତ କରାଇବାର ମହତ୍ ଉଦ୍ଦେଶ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ଆରମ୍ଭ କରିଛନ୍ତି ମୋ ସରକାର କାର୍ଯ୍ୟକ୍ରମ । ପ୍ରଶାସନକୁ ଲୋକାଭିମୁଖୀ, ସଶକ୍ତ ଓ କ୍ରିୟାଶୀଳ କରିବା ସଂଗେସଂଗେ ଅଧିକ ଉତରଦାୟୀ ଓ ଜନତାଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପରାମର୍ଶ ଦେଇଛନ୍ତି । ଏଥିସହିତ ୫ଟି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାରେ ଏହାର ବ୍ୟତୀକ୍ରମ ପରିଲକ୍ଷିତ ହୋଇଛି । ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଶାଳଗାଁ ଅଞ୍ଚଳରେ ସୁରମା ରଣା ହଠାତ୍ ଅସୁସ୍ଥ ହୋଇପଡ଼ିବା ଫଳରେ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ବୈଶିଙ୍ଗା ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡ଼ାକ୍ତର ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହାପରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୧୦୮ ଆମ୍ବୁଲାନ୍ସକୁ କଲ କରାଯାଇଥିଲା ଏବଂ ସାଢ଼େ ୩ ଘଣ୍ଟା ଅପେକ୍ଷା କରିବା ପରେ ଅପରାହ୍ନ ପ୍ରାୟ




ଅଢ଼େଇ ସମୟରେ ଓଡ଼ି ୦୨ ଜେ ୫୦୭୯ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ଆସି ବୈଶିଙ୍ଗା ହସପିଟାଲରେ ପହଁଞ୍ଚିଥିଲା । ଏହି ସମୟରେ ରୋଗୀର ପରିବାରର ସଦସ୍ୟମାନେ ୧୦୮ ଆମ୍ବୁଲାନ୍ସ ଚାଳକ ସୁନୀଲ କୁମାର ପାତ୍ର ସହ ଗାଡ଼ିରେ ଥିବା ଫାର୍ମାସିଷ୍ଟ ବାରିପଦା ପୌରପରିଷଦର ୱାର୍ଡ଼ ନଂ-୨୬ର ତୁଫାନ କୁମାର ମହାନ୍ତଙ୍କ ଅବସ୍ଥା ଦେଖି ହତବାକ୍ ହୋଇପଡ଼ିଥିଲେ । ଉଭୟ ଆକଣ୍ଠ ମଦପାନ କରିଥିବା କାରଣରୁ ନିଜର ଭାରସାମ୍ୟ ରକ୍ଷା କରିବାରେ ବିଫଳ ହୋଇଥିଲେ । ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟଙ୍କର ଏହି ମାତାଲି ଅବସ୍ଥା ଦେଖି ପରିବାରର ସଦସ୍ୟମାନେ ଭୟଭିତ ହୋଇ ପଡ଼ି ଏକ ଘରୋଇ ଗାଡ଼ି ଭଡ଼ା କରି ବାରିପଦା ମେଡ଼ିକାଲକୁ ରୋଗୀ ଆଣିବା ନିମନ୍ତେ ବାଧ୍ୟ ହୋଇଥିଲେ । ମାତ୍ର ଘୋଡ଼ା ମାତାଲ ଅବସ୍ଥାରେ ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟ ରୋଗୀଙ୍କୁ ନେବା ନିମନ୍ତେ ସାଢ଼େ ୩ ଘଣ୍ଟା ବିଳମ୍ବରେ ଆସି ପହଁଞ୍ଚିଥିବାର ଜାଣିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତେଜନା ଦେଖାଦେଇଥିଲା । ଖବର ପାଇ ବୈଶିଙ୍ଗା ଥାନା ପୁଲିସ ହସପିଟାଲରେ ପହଁଞ୍ଚି ଘଟଣା ଉପରେ ଅବଗତ ହୋଇଥିଲେ । କିନ୍ତୁ ଆମଆଦମୀ ମଦ ପିଇ ଗାଡ଼ି ଚଳାଉଥିଲେ ସେମାନଙ୍କୁ ଗିରଫ କରାଯାଉଥିବା ବେଳେ ସରକାରୀ ଆମ୍ବୁଲାନ୍ସର ମାତାଲି ଚାଳକକୁ ମାଫ କରାଯିବା ପୁଲିସର ସ୍ୱଚ୍ଛତା ସହ ହସପିଟାଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ ଜନସାଧାରଣ । ଏଥି ସହିତ ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ରାଧାଶ୍ୟମା ପ୍ରଧାନଙ୍କ ହସ୍ତକ୍ଷେପ ପରେ ବୈଶିଙ୍ଗା ହସପିଟାଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ଥାନାରେ ଆମ୍ବୁଲାନ୍ସ ଚାଳକ ସୁନୀଲ କୁମାର ପାତ୍ର ସହ ଗାଡ଼ିରେ ଥିବା ଫାର୍ମାସିଷ୍ଟ ତୁଫାନ କୁମାର ମହାନ୍ତଙ୍କ ନାମରେ ମାମଲା ରୁଜୁ କରାଯାଇଥିବାର ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ତେବେ ରୋଗୀଙ୍କୁ ନିରାପଦ ଏବଂ ମାଗଣାରେ ହସପିଟାଲରେ ପହଁଞ୍ଚାଇବା ନିମନ୍ତେ ସରକାର ଯୋଗାଇ ଦେଇଥିବା ଆମ୍ବୁଲାନ୍ସର ଡ୍ରାଇଭର ଓ ଫାର୍ମାସିଷ୍ଟ ଯଦି ଘୋଡ଼ା ମାତାଲି ହୁଅନ୍ତି, ତେବେ ରୋଗୀଙ୍କୁ କେବଳ ଭଗବାନ ସାହା ଭରସା ବୋଲି ଜନସାଧାରଣରେ ହେଉଥିବା ଆଲୋଚନାରୁ ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୋନ୍ମେଷ ...

ଏଥିପାଇଁ ପାରସ୍ପରିକ ବ୍ୟବସାୟ ବୃଦ୍ଧି ଅତ୍ୟନ୍ତ ଜରୁରି । ନିକଟରେ ଭାରତରେ ଆରମ୍ଭ କରାଯାଇଥିବା ଫିଟ ଇଣ୍ଡିଆ ଅଭିଯାନ ବିଷୟରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ ସେ ଫିଟନେସ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ଓ ଭାଗିଦାରୀ ବଢ଼ାଇବା ଲାଗି ଇଚ୍ଛୁକ । ସେ କହିଥିଲେ ଯେ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଏବଂ ସ୍ୱଚ୍ଛତା ଆଜି ମଧ୍ୟ ସହରାଂଚଳରେ ଏକ ବୃହତ ଆହ୍ୱାନ । ସେ ଏଥିସହିତ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଜଳ ମନ୍ତ୍ରୀମାନଙ୍କ ପ୍ରଥମ ବୈଠକ ଭାରତରେ ଆୟୋଜନ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ଆତଙ୍କବାଦର ମୁକାବିଲା ଲାଗି ବ୍ରିକ୍ସ ରଣନୀତି ଉପରେ ପ୍ରଥମ ଥର ପାଇଁ ସେମିନାର ଆୟୋଜନ ଲାଗି ସେ ଖୁସି ବ୍ୟକ୍ତ କରିଥିଲେ । ଏଥିସହିତ ଆଶା କରିଥିଲେ ଯେ ଆତଙ୍କବାଦ ଏବଂ ଅନ୍ୟ ସଂଗଠିତ ଅପରାଧ ବିରୋଧରେ ୫ଟି କାର୍ଯ୍ୟ ଗୋଷ୍ଠୀର ପ୍ରୟାସ ଓ ଗତିବିଧି ବ୍ରିକ୍ସ ଦେଶର ସୁରକ୍ଷା ସହଯୋଗକୁ ଆହୁରି ମଜଭୂତ କରିବ । ଶ୍ରୀ ମୋଦୀ କହିଥିଲେ ଯେ ଭିସା, ସାମାଜିକ ସୁରକ୍ଷା ବୁଝାମଣା ଏବଂ ଯୋଗ୍ୟତାର ପାରସ୍ପରିକ ମାନ୍ୟତା ପାଂଚଟି ସଦସ୍ୟ ରାଷ୍ଟ୍ର ମଧ୍ୟରେ ବ୍ୟବସାୟ ଓ ପର୍ଯ୍ୟଟନ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ ।

### ପହିଲାରୁ ...

କୋହଳ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶର ଅବଧି ଶେଷ ହେବାକୁ ଯାଉଛି । ଏହାପରେ ପୁଣି ଡିସେମ୍ବର ୧ ତାରିଖରୁ ନିୟମକୁ କଡାକଡି ଭାବେ ପାଳନ କରାଯିବା ସହ ନିୟମ ଉଲ୍ଲଘଂନ କଲେ ନୂଆ ମୋଟରଯାନ ଆଇନ ଅନୁସାରେ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ନେଇ ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ବିଜୁ ଯୁବ ବାହିନୀ ...

ବିଜୁ ଯୁବ ବାହିନୀର ବିଭିନ୍ନ ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଛନ୍ତି । ଯୁବାବର୍ଗଙ୍କୁ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବା ସହିତ ସମାଜ କଲ୍ୟାଣରେ ଅଙ୍ଗୀକାରବଦ୍ଧ କରିବା ଉଦ୍ଦେଶ୍ୟରେ ଏହି ଯୋଜନା ପରିକଳ୍ପିତ । ତେବେ ସେ ସ୍ପଷ୍ଟ କରିଦେଇଛନ୍ତି ଯେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିନଥାଏ । ଆଗାମୀ ଦିନରେ ମଧ୍ୟ ନିଯୁକ୍ତି ପ୍ରଦାନର କୌଣସି ଯୋଜନା ନାହିଁ । ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ, ନିଶାକୁ ନା କାର୍ଯ୍ୟକ୍ରମ, ତିତ୍‌ଲି, ଫନି ଭଳି ପ୍ରାକୃତିକ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ରିଲିଫ ବାଣ୍ଟିବା ଓ ଥଇଥାନ କାର୍ଯ୍ୟ, ସଡ଼କ ସୁରକ୍ଷା, ମୁଁ ହିରୋ ଆଦି କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେଇଥାନ୍ତି । ଏ ସଂପର୍କରେ ନିଜ ପ୍ରତିକ୍ରିୟାରେ ପ୍ରଶ୍ନକର୍ତ୍ତା ବିଧାୟକ ଶ୍ରୀ ମାଝୀ କହିଛନ୍ତି ଯେ ବିଜେଡି ନେତୃତ୍ୱାଧୀନ ରାଜ୍ୟ ସରକାର ବିଜୁ ଯୁବ ବାହିନୀ ମାଧ୍ୟମରେ ପାଣି ଭଳି ବିପୁଳ ଅର୍ଥରାଶି ବୁହାଇ ଦେଇଥିଲେ ବି ରାଜ୍ୟର ଜଣେ ହେଲେ ବି ବେକାର ଯୁବକ ଯୁବତୀ ନିଯୁକ୍ତି ନ ପାଇବା ବିଡ଼ମ୍ବନାର ବିଷୟ । ଏହା ରାଜ୍ୟର ଯୁବ ସମାଜ ପ୍ରତି ଉପହାସ ।

### ମୋ ସ୍କୁଲ ...

ଉକ୍ତ ସଂସ୍ଥାଗୁଡ଼ିକର ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତରେ ବି ଆଇଆଇଟି, ଆଇଆଇଏମ୍‌ର ଅଭିବୃଦ୍ଧିରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକାକୁ କେହି ଅସ୍ୱୀକାର କରିପାରିବେନି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି । ଉଚ୍ଚାକାଂକ୍ଷୀ ଓଡ଼ିଶା ଏହାର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ବିରାଟ ଲମ୍ଫ ପ୍ରଦାନ କରିବାକୁ ଚାହୁଁଛି । ଯଦି ତୁମେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଦେଖିବାକୁ ଚାହୁଁଛ, ତାହେଲେ ଆସ, ଏହି ଅଭିଯାନରେ ସାମିଲ୍ ହୁଅ । ଏବେ ଅଧାକାମ ସରିଛି । ଆମକୁ ଆହୁରି ବହୁଦୂର ଯିବାର ଅଛି । ଆଗକୁ ବଢ଼ି ଆମକୁ ପୂରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଜୀବନ୍ତ ନେଟ୍‌ୱର୍କ ଗଢ଼ିତୋଳିବାର ଆବଶ୍ୟକତା ରହିଛି । ଟେକ୍ନୋଲୋଜି ଓ ସୋସିଆଲ୍ ମିଡିଆର ବ୍ୟବହାର କରି ଏହା କରାଯାଇପାରିବ । ଆଜିର ଛାତ୍ର ଆସନ୍ତାକାଲିର ଆଲୁମିନି । ଆଜିର ଛାତ୍ରମାନଙ୍କ ମଧ୍ୟରେ ଗର୍ବବୋଧ ଅନ୍ତର୍ନିବେଶ କରିବାର ଆବଶ୍ୟକତା ରହିଛି । ଏଥିପାଇଁ 'ମୋ ସ୍କୁଲ୍' ଉଦାହରଣ ଆଦର୍ଶ ମାର୍ଗ ହେବ । ଏକ ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ 'ମୋ ସ୍କୁଲ୍' ଆନ୍ଦୋଳନରେ ସାମିଲ୍ ହେବାକୁ ପୁରାତନ ଛାତ୍ରଛାତ୍ରୀ ଏବଂ ରାଜ୍ୟର ବୃହତ୍ତର ସମୁଦାୟକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିବାବେଳେ ଓଡ଼ିଶାର ପରିବର୍ତ୍ତନଶୀଳ ଲକ୍ଷ୍ୟ ହାସଲ୍ କରିବାରେ ଏହା ବେଶ୍ ସହାୟକ ହେବ ବୋଲି କହିଛନ୍ତି । ମୋ ସ୍କୁଲ୍‌ର ସଫଳତାକୁ ଦେଖି ସରକାର 'ମୋ କଲେଜ' ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ ଏଠାରେ ଉଲ୍ଲେଖ କରିଛନ୍ତି । ଏହି ଅବସରରେ 'ମୋ ସ୍କୁଲ୍' ମୋବାଇଲ୍ ଆପ୍, କଫି ଟେବ୍‌ଲ ପୁସ୍ତକ ଏବଂ ନ୍ୟୁଜ୍ ଲେଟରକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ । ଏହାସହ 'ମୋ ସ୍କୁଲ୍' ଆପ୍‌ର କଣ୍ଟ୍ରିବୁଟର୍ ଅମରେନ୍ଦ୍ର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, 'ମୋ ସ୍କୁଲ୍' ଅଧକ୍ଷା ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ସଚିବ ଅସୀତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

### ପାଟ୍ରୋଲିଂ ...

ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି । ଯାହା ଏବେ ଚିନ୍ତାର କାରଣ ସାଜିଛି । ତେବେ ରାଜ୍ୟରେ ଯେତିକି ଦୁର୍ଘଟଣା ଘଟୁଛି, ତାର ପାଖାପାଖି ୬୦ଭାଗ ଜାତୀୟ ରାଜପଥରେ ଘଟୁଥିବା ଜଣାପଡ଼ିଛି । ତେଣୁ ପୁଲିସ ଦୁର୍ଘଟଣା ରୋକିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ, ୨୦୧୮ରେ ରାଜ୍ୟରେ ୮.୫୩ ପ୍ରତିଶତ ଦୁର୍ଘଟଣା ବଢ଼ିଛି । ସେହିବର୍ଷ ଦୁର୍ଘଟଣାରେ ୫ ହଜାର ୨୩୭ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ୨୦୧୭ରେ ୪ ହଜାର ୭୯୦, ୨୦୧୬ରେ ୪ ହଜାର ୬୭୩, ୨୦୧୫ରେ ୪ ହଜାର ୩୦୩ ଓ ୨୦୧୪ରେ ୩ ହଜାର ୯୩୧ ଜଣଙ୍କର ମୃତ୍ୟୁ ଘଟିଛି । ଏହି ସମୟ ମଧ୍ୟରେ କଟକ-ଭୁବନେଶ୍ୱରରେ ମଧ୍ୟ ଦୁର୍ଘଟଣାର ମାତ୍ରା ବଢ଼ିଛି । ୨୦୧୮ରେ ଦୁଇ ସହରରେ ୧୩.୫ ପ୍ରତିଶତ ଦୁର୍ଘଟଣା ବଢିଛି ।

### ମତ୍ସ୍ୟଜୀବୀ ...

ଅଧିକ୍ଷକଙ୍କୁ କଇଁଛମାନଙ୍କର ସୁରକ୍ଷା ପାଇଁ ସଂରକ୍ଷଣ ନିୟମକୁ କଡ଼ାକଡ଼ି ରୂପେ ପାଳନ କରିବା ସହ ରାତ୍ରି ସମୟରେ ତୀବ୍ର ଆଲୋକ ରଶ୍ମିକୁ ଅବନତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ୬୬ଟି ଶିବିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ ସୂଚନା ଦେଇଛନ୍ତି । ରାଜ୍ୟର ବାବୁବଳି, ଦେଭିନାସୀ, ଅଗ୍ରନାସୀ ଓ ପୁରୁଣାବନ୍ଧ ଅଞ୍ଚଳରେ ଏହି ଶିବିର ଖୋଲାଯାଇ ସମୁଦ୍ରର ସୁରକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଭାବେ ନଜର ରଖାଯିବ । ବରୁଣେଇ, ଗୁପ୍ତି, ସାନପେଟା ଏବଂ କ୍ରିଷ୍ଟାପେରିୟାରପୁର ଅଞ୍ଚଳରେ ଚାରୋଟି ବର୍ଥିଂ ପଏଣ୍ଟ ଖୋଲାଯାଇ ଏଠାରେ ଜବତ ହୋଇଥିବା ଡଙ୍ଗା, ଟ୍ରଲରକୁ ରଖାଯିବାର ବ୍ୟବସ୍ଥା କରାଯାଇଛି । ସେହିପରି ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ସଂରକ୍ଷଣ ଓ ସୁରକ୍ଷା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବା ସହ ଏଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା । ଏଥିପାଇଁ ଆଗାମୀ ଦିନରେ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟରେ ଏକ କେନ୍ଦ୍ରୀୟ ପରିଚାଳନା ୟୁନିଟ୍ ପ୍ରତିଷ୍ଠା କରାଯିବ । ଏହାସହ ଆର୍‌ସିସିଏଫ୍, ଭୁବନେଶ୍ୱର, ବ୍ରହ୍ମପୁର ଓ ବାରିପଦାଙ୍କୁ ନେଇ ଏକ ସର୍କଲ ସ୍ତରୀୟ ପରିଚାଳନା ୟୁନିଟ୍ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଏନ୍‌ଜିଓଙ୍କ ସହ ସମନ୍ୱୟ ରକ୍ଷା କରି ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିପରି ପ୍ରତ୍ୟେକ ପାଟ୍ରୋଲିଂ କ୍ୟାମ୍ପକୁ ଭିଏଚ୍‌ଏଫ୍ ପରି ଯୋଗାଯୋଗ ଯନ୍ତ୍ରାଂଶ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯିବ । ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ତଟ ସୁରକ୍ଷା ବାହିନୀ କମାଣ୍ଡାଣ୍ଟ, ବନ୍ୟଜନ୍ତୁ ସଂରକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସମେତ ଡିଆର୍‌ଡିଓ, ଆଇଟିଆର୍, ଚାନ୍ଦିପୁର ଏବଂ ଧାମରା, ଗୋପାଳପୁର ଓ ପାରାଦ୍ୱୀପ ବନ୍ଦରର କର୍ତ୍ତୃପକ୍ଷ ଯୋଗ ଦେଇଥିଲେ ।

**କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ**

# 'ବିଶ୍ୱ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଛି ଦେବଗିରି ମାଟି'



**ଭବାନୀପାଟଣା :** ବ୍ୟକ୍ତିସ୍ୱାର୍ଥ ବଦଳରେ ବିଶ୍ୱ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଛି ଦେବଗିରି ମାଟି, କଳାହାଣ୍ଡି ମାଟି । ଏହି ଆଟବିକ ମହାକାନ୍ତାରର ମଣିଷ ତାହାର ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମାଚାର, ଅନୁଷ୍ଠାନ ମାଧ୍ୟମରେ ସମଗ୍ର ବିଶ୍ୱର ମାନବ ସମାଜ ପାଇଁ ଯେଉଁ ବିଶ୍ୱଦୃଷ୍ଟି ପ୍ରଦାନ କରିଛି, ତାହା ଅନନ୍ୟ ବୋଲି ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମରେ ଆୟୋଜିତ ଉକ୍ତ ସମାରୋହରେ ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ରର ଉପ-ନିର୍ଦ୍ଦେଶକ (ଯାନ୍ତ୍ରିକ) ସୈକତ ବିହାରୀ ବହିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଲେଖିକା ତଥା ସମାଜସେବୀ ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ମୁଖ୍ୟ ବକ୍ତା ଓ ନର୍ଲା ବିଧାୟକଙ୍କ ପ୍ରତିନିଧି ସୁଧୀର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ନର୍ଲା ସରପଂଚ ସଂଘ ସଭାପତି ଚିରଞ୍ଜିବୀ ଗୌଡ଼ିଆ, ରାକ୍ସି ସରପଂଚ ଚନ୍ଦ୍ରମା ଧଙ୍ଗଡ଼ାମାଝୀ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଧଙ୍ଗଡ଼ାମାଝୀ, ନର୍ଲା ଆଇଆଇସି ସଞ୍ଜୟ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ । ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଯୁଗ୍ମ ସଂପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ମଂଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ କୁନି ପ୍ରତିଭା ଶ୍ରାବଣୀ ଭୋଇଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ କବି ମନୋଜ ମେହେରଙ୍କୁ ଦେବଗିରି ସାହିତ୍ୟ ସମ୍ମାନ, ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ଲୋକସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡଙ୍କୁ ଦେବଗିରି ନାଟ୍ୟ ସମ୍ମାନ, 'ସମ୍ବାଦ'ର ସୁନ୍ଦରଗଡ଼ ପ୍ରତିନିଧି ଡମ୍ବରୁଧର ନାୟକଙ୍କୁ ଦେବଗିରି ସାମ୍ବାଦିକତା ସମ୍ମାନ, ଯୁବ ସମାଜସେବୀ ସୁଶ୍ରୀ ଫୁଲ୍‌ମେ ମାଝୀଙ୍କୁ ଦେବଗିରି ସମାଜସେବା ସମ୍ମାନ, ଯୁବ ଚିତ୍ରଶିଳ୍ପୀ ସରୋଜ ବିଶିଙ୍କୁ ଦେବଗିରି ଶିଳ୍ପୀ ସମ୍ମାନ, ସଫଳ ଚାଷୀ ଭଗବାନ ଶିଖାଙ୍କୁ ଦେବଗିରି କୃଷି ସମ୍ମାନ ଓ ସେବାନିବୃତ୍ତ ସୈନିକ ସମିଉଲ୍ଲା ଖାଁଙ୍କୁ ଦେବଗିରି ଦେଶସେବା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଯୁବ ସାମ୍ବାଦିକ ରାଜକୁମାର ସିଂଦେଓ, ଯୁବ ପର୍ବତାରୋହୀ ଇପ୍‌ସାମୟୀ ଦୁବେ ଓ ଲିପ୍‌ସାମୟୀ ଦୁବେ, କୁନି କ୍ରୀଡ଼ାବିତ୍ ଦୁଶିଳା ଗଉଡ଼ ଓ ନିବେଦିତା ପଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନାପତ୍ର ପାଠ କରିଥିଲେ ଯୁବଲେଖକ ଡିଲେଶ୍ୱର ରଣା ଓ ସ୍ୱାଧୀନ କୁମାର ଭୋଇ । ପରେପରେ କୃଷ୍ଣପ୍ରିୟା କଳା ପରିଷଦ, ତୁଷରାର ଘୁଡ଼କା ନୃତ୍ୟ ସହ କଳାହାଣ୍ଡି ଓ ଆଖପାଖ ଜିଲ୍ଲାରୁ ଆସିଥିବା କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟ ଆସରକୁ ସୁଧୀର ନାଏକ ସଂଯୋଜନା କରିଥିବା ବେଳେ ସହଯୋଗ କରିଥିଲେ ଓମ୍ ପ୍ରକାଶ ମାଝୀ । ସମୀକ୍ଷକ ଭାବେ ଯୋଗଦେଇଥିଲେ କଳାକାର ଶରତ କୁମାର ଭୋଇ, ଗଗନ ପଧାନ ଓ ଅଜୟ ଆଚାର୍ଯ୍ୟ । ଅନୁଷ୍ଠାନର କୋଷାଧକ୍ଷ ଜୟଦ୍ରଥ ଜାଲ, ସାଂସ୍କୃତିକ ସଂପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ, ଉପସଭାପତି ନେତ୍ରାନନ୍ଦ ବାରିକ ଓ ମକରଧ୍ୱଜ ବେହେରାଙ୍କ ସମେତ ସଦସ୍ୟସଦସ୍ୟାମାନେ ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# 'ଧାନ ସହିତ ଚାଲ - ଧାନ ବିଷୟରେ ଜାଣ'



**ଭୁବନେଶ୍ୱର,(ପିଆଇବି):** ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ "ଧାନ ସହିତ ଚାଲ-ଧାନ ବିଷୟରେ ଜାଣ" ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତୀମାନଙ୍କୁ ଅନୁଷ୍ଠାନର ୨୦୦ ଏକର ଫାର୍ମରେ ଚାଷ ହୋଇଥିବା ବିଭିନ୍ନ ଉନ୍ନତ କିସମର ଧାନଚାଷର ପ୍ରଣାଳୀ ଏବଂ ଅନୁଷ୍ଠାନରୁ ବିକଶିତ ହୋଇଥିବା ନୂତନ ଧାନ କିସମ ଯଥା ପୁଷ୍ଟିସାରଯୁକ୍ତ ଧାନ, ପରିବର୍ତ୍ତିତ ଜଳବାୟୁ ସହନଶୀଳ ଧାନ, ମରୁଡି ସହଣୀଶକ୍ତି ଧାନ, ଧାନ-ମାଛ-ପନିପରିବା ର ପ୍ରକଳ୍ପ, କୃଷି ଯନ୍ତ୍ରପାତି, ବିହନ ବଶୋଧିକରଣ କେନ୍ଦ୍ର ଏବଂ ଜିନ୍ ବ୍ୟାଙ୍କ୍ ଇତ୍ୟାଦି ବିଷୟରେ ପିଲାମାନଙ୍କୁ ଅବଗତ କରାଇବା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବୈଜ୍ଞାନିକମାନେ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରାଇବା ସହିତ ତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ହିମାଂଶୁ ପାଠକ ଉଦ୍‌ଘାଟନ କରିଥିଲେ ଏବଂ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡଃ ସୁମନ୍ତ କୁମାର ମିଶ୍ର ସଂଚାଳନ କରିଥିଲେ ଏବଂ ବରିଷ୍ଠ ବୈଜ୍ଞାନିକ ଡଃ ରାହୁଲ ତ୍ରିପାଠୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱରର ୩୦ଟି ବିଦ୍ୟାଳୟର ୨୦୦୦ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ "ଧାନ ସହିତ ଚଲ-ଧାନ ବିଷୟରେ ଜାଣ" ଶୀର୍ଷକ ଏକ ବୁଲେଟିନ୍ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା ।

# ୟୁନିୟନ ବ୍ୟାଙ୍କର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରକ୍ତଦାନ ଶିବିର

**ଖୋର୍ଦ୍ଧା :** ୟୁନିୟନ ବ୍ୟାଙ୍କ ଖୋର୍ଦ୍ଧା ଶାଖା ପରିସରରେ ସକାଳ ୯ଘଣ୍ଟା ଠାରୁ ଦିବା ୨ଘଣ୍ଟା ପର୍ଯ୍ୟନ୍ତ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଖୋର୍ଦ୍ଧା ଶାଖାର ପରିଚାଳକ ଚନ୍ଦନ ସାହୁ, ସହ ଶାଖା ପରିଚାଳିକା ଯୁଗନ୍ତିକା ମହାପାତ୍ର ବ୍ୟାଙ୍କର ଆଇନ ପରାମର୍ଶ ଦାତା ଦେବେନ୍ଦ୍ର କୁମାର ଦାସ, ସତ୍ୟହରି ପୁହାଣ, ବ୍ୟାଙ୍କ ମିତ୍ର ପ୍ରଶାନ୍ତ କୁମାର ପଣ୍ଡା ଓ ବ୍ୟାଙ୍କର ସମସ୍ତ କର୍ମଚାରୀ ରହି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଡ଼ାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର, ଅରୁଣ କୁମାର ସାହୁ, ଝୁନୁଲତା ସାହୁ ପ୍ରମୁଖ ସହାୟତା କରିଥିବା ବେଳେ ସର୍ବ ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ବ୍ୟାଙ୍କ ଖୋର୍ଦ୍ଧା ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ସେବା ଯୋଗାଇ ଆସୁଥିବାରୁ ଏହି ଅବସରରେ ଜନସାଧାରଣ ସ୍ୱେଚ୍ଛାକୃତ ଭାବରେ ବ୍ୟାଙ୍କକୁ ଆସି ରକ୍ତ ଦାନ କରିଥିଲେ । ଶାଖା ପରିଚାଳକ ଚନ୍ଦନ କୁମାର ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରୁଥିଲେ ଯେ, ୟୁନିୟନ ବ୍ୟାଙ୍କ ଖୋର୍ଦ୍ଧାରେ ଖୋଲିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ଏବଂ ଏହାର ଆଖାପାଖ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ସେବା ଯୋଗାଇ ଆସୁଛି ଏବଂ ଆଗାମୀ ଦିନରେ କିପରି ଅଧିକ ଉନ୍ନତମାନର ସେବା ଗ୍ରାହକମାନଙ୍କୁ ଯୋଗାଇ ଦିଆଯିବ ସେଥିପାଇଁ ଚେଷ୍ଟା କରାଯାଉଛି । ପୂର୍ବରୁ ଏହି ଶାଖାରେ ଶାଖା ପ୍ରବନ୍ଧକଭାବରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କର କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ଆଜି ୟୁନିୟନ ବ୍ୟାଙ୍କ ଖୋର୍ଦ୍ଧା ଶାଖା ଏକ ଅଗ୍ରଣୀ ବ୍ୟାଙ୍କ ଭାବରେ ପରିଚିତ ହୋଇପାରିଛି । ଶେଷରେ ଖୋର୍ଦ୍ଧା ସେଣ୍ଟ୍ରାଲ ବ୍ୟାଙ୍କର ଶାଖା ପରିଚାଳକ ପ୍ରଦୀପ କୁମାର ସାହୁ ଶେଷ ବିନ୍ଦୁ ରକ୍ତ ଦାନ କରିଥିଲେ । ଏହି ରକ୍ତଦାନ ଶିବିର ଆୟୋଜନ କରି ଖୋର୍ଦ୍ଧା ଶାଖା ସର୍ବଶ୍ରେଷ୍ଠ ସ୍ଥାନ ଅଧିକାରୀ କରିଛି ।





# ପଣ୍ଡିଚେରୀ ଓ ଶ୍ରୀ ଅରବିନ୍ଦ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ଶ୍ରୀ** ଅରବିନ୍ଦ ସାମାନ୍ୟ ଜଣେ ଅଜ୍ଞାତ ବ୍ୟକ୍ତି ପରି ପଣ୍ଡିଚେରୀରେ ଅବତରଣ କଲେ ୧୯୧୦ ମସିହା ଏପ୍ରିଲ ୪ ତାରିଖରେ। ସେତେବେଳେ ଏହି ସ୍ଥାନ ଦକ୍ଷିଣ ଭାରତର ଏକ ପ୍ରାନ୍ତରେ ସମୁଦ୍ର କୂଳରେ ଫରାସୀ ଅଧିକୃତ ଏକ ଛୋଟିଆ ବନ୍ଦର। ସ୍ଥାନୀୟ ଲୋକଙ୍କ ଛଡ଼ା କେତେଜଣ ଫରାସୀ ରାଜପୁରୁଷ ସେଠାରେ ବାସ କରୁଥିଲେ ଓ କିଛି ଫରାସୀ କର୍ମଚାରୀ ସେମାନଙ୍କ ଜମିଦାରୀ ରକ୍ଷା କରୁଥିଲେ। ଏହାଛଡ଼ା ଭାରତର ପଳାତଙ୍କ ବିଭିନ୍ନ ପ୍ରକାର ଆସାମୀ ମାନଙ୍କର ଏହା ଥିଲା ଏକ ଆଡ଼୍ଡ଼ା ସ୍ଥଳୀ। ସେହି ପଣ୍ଡିଚେରୀକୁ ସେତେବେଳେ ଜଗତର କିଏ ବା ଜାଣିଥିଲା ? ମାତ୍ର ଶ୍ରୀ ଅରବିନ୍ଦ ସେଠାକୁ ଯିବାର ମାତ୍ର ଚାଳିଶ ବର୍ଷ ପରେ ସେହି ସ୍ଥାନଟି ସାରା ପୃଥିବୀର ମନୁଷ୍ୟ ମାନଙ୍କ ନିକଟରେ ଏକ ମହାନ ତୀର୍ଥସ୍ଥଳ ହୋଇ ଉଠିଲା। ଶ୍ରୀ ଅରବିନ୍ଦଙ୍କ ନାମରେ ସେଠାରେ ଏକ ବିରାଟ ଆଶ୍ରମ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା। ସବୁ ଦେଶର ଶିକ୍ଷାର୍ଥୀ ମାନେ ସେଠାରେ ଶ୍ରୀ ଅରବିନ୍ଦଙ୍କ ପ୍ରଦତ୍ତ ଉନ୍ନତମାନର ଶିକ୍ଷା ସହ ମାନବିକ ମୂଲ୍ୟବୋଧ ଶିକ୍ଷା କରିବା ପାଇଁ ଆସି ପହଞ୍ଚିଲେ। ୧୯୧୦ ମସିହାରେ ଶ୍ରୀ ଅରବିନ୍ଦ ପଣ୍ଡିଚେରୀକୁ ଚାଲି ଆସିଲା ପରେ ଆଉ ଫେରିଲେ ନାହିଁ। ଲୋକମାନ୍ୟ ତିଲକଙ୍କ ଠାରୁ ଆରମ୍ଭ କରି ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ପର୍ଯ୍ୟନ୍ତ ଏବଂ ଆହୁରି ଅନେକ ବ୍ୟକ୍ତିବିଶେଷ ତାଙ୍କୁ ଫେରାଇ ଆଣି ଦେଶ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହେଲେ। ସୁଦୀର୍ଘ ଚାଳିଶ ବର୍ଷ ଅର୍ଥାତ୍ ଜୀବନର ଅର୍ଦ୍ଧେକରୁ ଅଧିକ ସମୟ ସେ ଏହି ଗୋଟିଏ ସ୍ଥାନରେ ଅବସ୍ଥାନ କଲେ। ଦେଶ ସେବା କାର୍ଯ୍ୟ ଠାରୁ ବି ଅଧିକ କଠିନ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ବ୍ୟସ୍ତ ରହିଲେ। ସେଠାରେ ସେ ଦିନ ପରେ ଦିନ, ବର୍ଷ ପରେ ବର୍ଷ କେବଳ ଯୋଗରେ ନିମଗ୍ନ ରହି ତପସ୍ୟା କରୁଥିଲେ। ଏହି ସମୟରେ ସେ ନିଜର ନିତ୍ୟକର୍ମ, ଖାଦ୍ୟପାନୀୟ, ଠିକ୍ ସମୟରେ ଶୋଇବା, ବହିପତ୍ର ଅଧ୍ୟୟନ କରିବା ସହ ଚାଟେବୁଲରେ ସାଥୀ ମାନଙ୍କ ସହ ଆଲୋଚନା ମଧ୍ୟ କରୁଥିଲେ। ଖୋଲା ଚକ୍ଷୁରେ ମଧ୍ୟ ସେ ଧ୍ୟାନ କରିବାରେ ଅଭ୍ୟସ୍ତ ଥିଲେ।

୧୯୨୬ ମସିହାରୁ ଶ୍ରୀ ଅରବିନ୍ଦ ଲୋକଚକ୍ଷୁର ଅନ୍ତରାଳରେ ରହିବାରୁ ଶ୍ରୀ ମାଙ୍କୁ ଆଶ୍ରମର ସମସ୍ତ ଦାୟିତ୍ୱ ବୁଝିବାକୁ ପଡ଼ିଲା। ଆଶ୍ରମର ଲୋକ ସଂଖ୍ୟା ଅନେକ ବଢ଼ିଲା, ସେଠାରେ ଆଉ ସ୍ଥାନ ଯଥେଷ୍ଟ ହେଲା ନାହିଁ। ଏହାପରେ ଭକ୍ତ ମାନଙ୍କ ପାଖରୁ ନାନା ଭାବରେ ଆଶ୍ରମକୁ ଅର୍ଥ ଆସିବାକୁ ଲାଗିଲା। ମା' ସେହି ଅର୍ଥ ବିନିମୟରେ ଆଖପାଖରେ ଘର କିଣି ଆଶ୍ରମଟିକୁ ଅଧିକ ବଢ଼ାଇ ଦେଲେ। ସେତେବେଳେ ଶ୍ରୀ ଅରବିନ୍ଦ ନିୟମ କରି ଦେଇଥିଲେ ଯେ ଆଶ୍ରମରେ ଯେଉଁମାନେ ରହିବେ ପ୍ରଥମେ ନିଜକୁ ଓ ସେମାନଙ୍କର ଯାହା କିଛି ଅଛି ମା'ଙ୍କୁ ସମର୍ପଣ କରିବେ। ଏହା ହିଁ ପୂର୍ଣ୍ଣ ଯୋଗର ମୂଳନୀତି। ଶ୍ରୀ ଅରବିନ୍ଦ ମଧ୍ୟ ତାଙ୍କର ପୂର୍ଣ୍ଣାଙ୍ଗ ଯୋଗରେ କହିଛନ୍ତି ଜ୍ଞାନ, ଭକ୍ତି ଓ କର୍ମ କୌଣସିଟିକୁ ବାଦ ଦେଲେ ଚଳିବ ନାହିଁ। ଆଶ୍ରମରେ ଖାଦ୍ୟ, କୃଷି, ଶିଳ୍ପ ଇତ୍ୟାଦି ବିଭାଗ ଖୋଲି ଭକ୍ତ ମାନଙ୍କ ଭିତରେ ଯୋଗ୍ୟତା ଅନୁଯାୟୀ କର୍ମ ବଣ୍ଟନ କଲେ। ତାପରେ ଆଶ୍ରମ ଗୋଟିଏ ଛୋଟ ସହର ପରି ବିରାଟ ଆତ୍ମନିର୍ଭରଶୀଳ ପ୍ରତିଷ୍ଠାନ ହୋଇ ଗଢ଼ିଉଠିଲା। ତା ଭିତରେ 'ଗୋଲକୁଣ୍ଡା' ନାମରେ ଏକ ଅପୂର୍ବ ଆଧୁନିକ ଧରଣର ବୃହତ୍ ଅଟ୍ଟାଳିକା ନିର୍ମିତ ହୋଇଛି, ଯାହାର ତୁଳନା ସମଗ୍ର ଏସିଆ ଭିତରେ କେଉଁଠି ନାହିଁ। ବିଶିଷ୍ଟ ଅତିଥିଗଣ ସେଠାରେ ରୁହନ୍ତି। କୌଣସି ନୂତନ ଅତିଥି ଆସିବାମାତ୍ରେ ଜଣାଇ ଦିଆଯାଏ ଯେ ପ୍ରତ୍ୟେକ ଜିନିଷର ପ୍ରାଣ ଅଛି। ପ୍ରତି ଜିନିଷକୁ ଯତ୍ନର ସହିତ ବ୍ୟବହାର କରାଯାଏ। ଆଶ୍ରମରେ ଯେଉଁମାନେ ରହନ୍ତି, ସେମାନେ ସମସ୍ତେ ସନ୍ତୁଷ୍ଟ ଓ ସୁଖୀ ରହନ୍ତି। ସମସ୍ତଙ୍କୁ କିଛିନା କିଛି କାମ କରିବାକୁ ହୁଏ। ଛୋଟକାର୍ଯ୍ୟ ଓ ବଡ଼ କାର୍ଯ୍ୟ ଭିତରେ କୌଣସି ପାର୍ଥକ୍ୟ ନାହିଁ। ସବୁ କାର୍ଯ୍ୟ ସମାନ। ସେଠାରେ ପଦମର୍ଯ୍ୟାଦା ବା ଆତ୍ମାଭିମାନର କୌଣସି ପ୍ରଶ୍ନ ଉଠେନାହିଁ। ସବୁ କାର୍ଯ୍ୟ ହିଁ ମା'ଙ୍କ କାର୍ଯ୍ୟ। ଏପରିକି ଯେଉଁମାନେ ସେଠାକୁ ଯାଇ କିଛିଦିନ କଟାଇବାକୁ ଆସନ୍ତି ସେମାନେ ମଧ୍ୟ ମା'ଙ୍କୁ ଅନୁମତି ନେଇ ସେବାକାର୍ଯ୍ୟରେ ଯୋଗଦାନ କରି ଏହାକୁ ନିଜର ସୌଭାଗ୍ୟ ବୋଲି ମନେ କରନ୍ତି। ଏହିପରି ଏକ ପବିତ୍ର ସ୍ଥାନ ଦର୍ଶନ କରି କିଛି ଆଧ୍ୟାତ୍ମିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ମିଳିଥିଲା ଆମର ତାମିଲନାଡୁ ପରିଦର୍ଶନ ଅବସରରେ। ଝିଅ ପ୍ରିୟଙ୍କା, ଜ୍ୱାଇଁ ଅବିନାଶ, ନାତି ଆର୍ଯ୍ୟ ଓ ସ୍ୱାମୀ ଶ୍ରୀ କୁଞ୍ଜବିହାରୀ ଜେନାଙ୍କ ସହିତ ତାମିଲନାଡୁର ପ୍ରସିଦ୍ଧ ରାମସ୍ୱାମୀ ମନ୍ଦିର ଓ ତାଞ୍ଜାଭୁରର ବୃହଦେଶ୍ୱର ମନ୍ଦିର ଦର୍ଶନ କରି ପଣ୍ଡିଚେରୀରେ ପହଞ୍ଚିଥିଲୁ। ପରଦିନ ସକାଳ ୯ଟାରେ ସୁଗଭୀର ସମୁଦ୍ର ତଟରେ ଅବସ୍ଥିତ 'ଶ୍ରୀ ଅରବିନ୍ଦ ଆଶ୍ରମ ଦର୍ଶନ କରିବାକୁ ଯାଇଥିଲୁ'। ଦର୍ଶନ ସମୟ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଓ ଏହାପରେ ଦିନ ୨ରୁ ୪ଟା ପର୍ଯ୍ୟନ୍ତ। ଆଶ୍ରମ ମଧ୍ୟରେ ପ୍ରବେଶ କରିବା ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼େନାହିଁ। ପଣ୍ଡିଚେରୀର ପଶ୍ଚିମାଞ୍ଚଳରେ ଅବସ୍ଥିତ ଏହି ଆଶ୍ରମ ଶ୍ରୀ ଅରବିନ୍ଦ ଘୋଷ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ସେ ରାଜନୀତି ଛାଡ଼ି ଆଧ୍ୟାତ୍ମିକ ସାଧନାରେ ଯୋଗ ଦେବା ପରେ ପ୍ରତିଷ୍ଠା କରାଯାଇଥିଲା। ପରେ ସେ ଶ୍ରୀମାଙ୍କ ଉପରେ ସମସ୍ତ ପରିଚାଳନା ଭାର ଅର୍ପଣ କରି ଦେଇଥିଲେ।



ଚାରିବର୍ଷରୁ କମ ପିଲାମାନଙ୍କୁ ଆଶ୍ରମ ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଏ ନାହିଁ। କାରଣ ଏଠାରେ ସବୁ ସମୟରେ ସବୁ ସ୍ଥାନରେ ନୀରବତା ଅଗଷ୍ଟ ୧୫ ତାରିଖରେ ଶ୍ରୀ ଅରବିନ୍ଦଙ୍କର ଜନ୍ମଦିନ ଏଠାରେ ମହାସମାରୋହରେ ପାଳନ କରାଯାଏ। ଏହି ସମୟରେ ଭକ୍ତମାନେ ବିଭିନ୍ନ ସ୍ଥାନରୁ ଆସି ଜନ୍ମୋତ୍ସବରେ ଯୋଗଦାନ କରନ୍ତି। ଏହାଛଡ଼ା ଫେବୃଆରୀ ୨୧ ଶ୍ରୀମାଙ୍କର ଜନ୍ମଦିବସ। ଏପ୍ରିଲ ୨୪ ଶ୍ରୀମାଙ୍କ ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ ଦିବସ, ଏପ୍ରିଲ ୪ ତାରିଖ ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦଙ୍କର ପଦାର୍ପଣ ଦିବସ। ନଭେମ୍ବର ୨୪ ଶ୍ରୀ ଅରବିନ୍ଦଙ୍କର ସିଦ୍ଧିଦିବସ ଏଠାରେ ପାଳନ କରାଯାଏ। ଶ୍ରୀ ଅରବିନ୍ଦଙ୍କ ଦର୍ଶନରେ ପ୍ରତିଷ୍ଠିତ ଆଉ ଏକ ଅନୁଷ୍ଠାନ ହେଲା 'ଅରୋଭିଲ'। ଏହା ଶ୍ରୀମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ଏକ ଆନ୍ତର୍ଜାତୀୟ ଧର୍ମକ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଛି। ପର୍ଯ୍ୟଟକମାନଙ୍କୁ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ ଏହା ମଧ୍ୟକୁ ପ୍ରବେଶ କରିବାକୁ ପଡ଼େ। ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ମାତୃମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପାଇଁ ଦୀର୍ଘ ୩୭ ବର୍ଷ ଲାଗିଥିଲା। ୧୯୭୧ ମସିହା ଫେବୃଆରୀ ୨୧ ତାରିଖରେ ଶ୍ରୀମାଙ୍କ ଜନ୍ମ ଦିବସରେ ଏହାର ଶୁଭ ଦିଆଯାଇଥିବା ବେଳେ ୨୦୦୮ ମସିହା ମେ ମାସରେ ଏହା ସମାପ୍ତ ହୋଇଥିଲା।

ଆଧ୍ୟାତ୍ମିକ ଜଗତର ଅତିମାନସ ଚେତନାର ସିଦ୍ଧଯୋଗୀ ଶ୍ରୀଅରବିନ୍ଦ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ କଲିକତା ସହରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଡାକ୍ତର କୃଷ୍ଣଧନ ଘୋଷ ଓ ମାତାଙ୍କ ନାମ ସ୍ୱର୍ଣ୍ଣଲତା ଦେବୀ। ସେଥିପାଇଁ ସେ ପଣ୍ଡିଚେରୀରେ ଗଭୀର ସାଧନାରେ ନିମଗ୍ନ ହେଲେ। ତାପରେ ଫ୍ରାନ୍ସରୁ ମୀରା ଆଲ୍‌ଫାସା ଆସି ତାଙ୍କ ସହିତ ଯୋଗ ସାଧନାରେ ସହଯୋଗ କଲେ। ଶ୍ରୀଅରବିନ୍ଦଙ୍କ ମତରେ ଏହି ଅତିମାନସ ଶକ୍ତି ମନୁଷ୍ୟକୁ ତାର ସମସ୍ତ ଅଜ୍ଞାନତା ଅନ୍ଧକାର ଓ ମିଥ୍ୟାଚାରରୁ ମୁକ୍ତିପ୍ରଦାନ କରିବ ଓ ସେ ଅତିମାନବରେ ରୂପାୟିତ ହେବ। ଭାରତର ସ୍ୱାଧୀନତା ଦିବସ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଯାହା ହେଉଛି ଶ୍ରୀ ଅରବିନ୍ଦଙ୍କର ଜନ୍ମ ତାରିଖ। ଭାରତ ସ୍ୱାଧୀନତାର ପ୍ରାୟ ଦଶ ବର୍ଷ ପୂର୍ବରୁ ସେ ପ୍ରସିଦ୍ଧି ବିଦ୍ୱାନ ଦାର୍ଶନିକ କେ.ଏନ୍.ମୁନ୍‌ସୀଙ୍କୁ କହିଥିଲେ ଯେ ଭାରତ ସୂକ୍ଷ୍ମସ୍ତରରେ ସ୍ୱାଧୀନ ହୋଇ ସାରିଲାଣି। ସେଥିପାଇଁ ମୁଁ ବ୍ୟସ୍ତ ନୁହେଁ ମାତ୍ର ଭାରତ ସ୍ୱାଧୀନତା ଲାଭ କଲାପରେ କ'ଣ କରିବ ସେଥିପାଇଁ ମୋର ବ୍ୟସ୍ତତା। ସ୍ୱାଧୀନତା ପୂର୍ବରୁ ଭାରତ, ପାକିସ୍ତାନ ଓ ବାଙ୍ଗଲାଦେଶ ଗୋଟିଏ ରାଷ୍ଟ୍ର ଭାବେ ପରିଗଣିତ ହେଉଥିଲେ। ଶ୍ରୀଅରବିନ୍ଦଙ୍କର ପ୍ରଥମ ସ୍ୱପ୍ନ ଥିଲା ଅଖଣ୍ଡ ସ୍ୱାଧୀନ ଭାରତ ପ୍ରତିଷ୍ଠା କରିବା। ମାତ୍ର ଭାରତ ପାକିସ୍ତାନ ବିଭାଜନ ପରେ ସେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଥିଲେ। ଭାରତକୁ ଖଣ୍ଡ ଖଣ୍ଡ କରି ବ୍ରିଟିଶ ସରକାର ଉଭୟ ଦେଶ ମଧ୍ୟରେ ଅନାବଶ୍ୟକ ଶତ୍ରୁତା ଓ ଅସ୍ୱାଭାବିକ ଅବସ୍ଥା ସୃଷ୍ଟି କରିବ ବୋଲି ସେ ସତର୍କ କରାଇ ଦେଇଥିଲେ। ଶ୍ରୀଅରବିନ୍ଦଙ୍କ ଘୋଷଣା ଅନୁଯାୟୀ ଏହି ବିଭାଜନ ନିଶ୍ଚୟ ଦୂର ହେବ ଓ ଭାରତ ପାକିସ୍ତାନ ମିଶିଯାଇ ପୃଥିବୀର ସର୍ବବୃହତ୍ ଦେଶ ଓ ଶକ୍ତି ଭାବେ ଉଭା ହେବେ। ଶ୍ରୀ ଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶ ଉପରେ



ଅନେକ ପୁସ୍ତକ ଓ ପତ୍ରିକା ଏଠାରେ ଥିବା ନିଜସ୍ୱ ପ୍ରେସରେ ପ୍ରକାଶ ପାଏ। ମାତ୍ର ଶ୍ରୀଅରବିନ୍ଦଙ୍କ ରଚନାବଳୀ ମଧ୍ୟରେ 'ସାବିତ୍ରୀ' କାବ୍ୟ ଶ୍ରେଷ୍ଠସ୍ଥାନ ଅଧିକାର କରେ। ଉତ୍କଳୀୟ ହିନ୍ଦୁ ଗୃହିଣୀଗଣ ସ୍ୱୀୟ ପତିଙ୍କର ଦୀର୍ଘାୟୁ କାମନା ପୂର୍ବକ ସାବିତ୍ରୀ ଉପବାସ ବ୍ରତ ପାଳନ କରନ୍ତି। ୧୯୫୦ ମସିହା ଡିସେମ୍ବର ୫ ତାରିଖରେ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ହୋଇଥିଲା। ଅତିମାନସ ଆଲୋକର କେନ୍ଦ୍ରୀକରଣ ଫଳରେ ତାଙ୍କ ଶରୀର ଏକ ଦିବ୍ୟ ଆଭାରେ ଉଦ୍ଭାସିତ ହୋଇ ଚାରିଦିନ ପର୍ଯ୍ୟନ୍ତ ସତେଜ ଭାବରେ ରହିଥିଲା। ଡିସେମ୍ବର ୯ ତାରିଖ ସନ୍ଧ୍ୟାରେ ଶ୍ରୀଅରବିନ୍ଦଙ୍କର ଶରୀରକୁ ଆଶ୍ରମ ପ୍ରାଙ୍ଗଣର ମଧ୍ୟସ୍ଥଳରେ ସର୍ଭିସ ବୃକ୍ଷତଳେ ସମାଧିରେ ରଖାଗଲା।

*ସେକ୍ଟର-୬, ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*



## ରାମବିଳାସଙ୍କୁ ରଣେନ୍ଦ୍ରଙ୍କ ପତ୍ର

# ରାଜ୍ୟର ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରାଯାଉ

**ଭୁବନେଶ୍ୱର :** ଖାଉଟି ସୁରକ୍ଷା ଆଇନ ୧୯୮୬ ବଦଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଖାଦ୍ୟ ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରାଯାଇଛି। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରାଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶୱାନ୍‌ଙ୍କୁ ପତ୍ର ଲେଖିଛନ୍ତି। ନୂତନ ଆଇନରେ ଗଠିତ ହେବାକୁ ଥିବା କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦରେ ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ସଭ୍ୟ ହିସାବରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଆଇନର ଧାରା ୨୯ ଅନୁଯାୟୀ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗରେ ସଭାପତି ଓ ସଭ୍ୟମାନଙ୍କର ଇସ୍ତଫା ଗ୍ରହଣ ଏବଂ ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ କରାଯିବା ଆବଶ୍ୟକ। ସେହିପରି ଧାରା ୩୦ ଅନୁଯାୟୀ ଜିଲ୍ଲା ଆୟୋଗର ସଭାପତି ଓ ସଦସ୍ୟମାନଙ୍କର ଦରମା, ଭତା ଆଦି ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅଭିଯୋଗ ଦାଖଲ କରିବା ସମୟରେ ଖାଉଟି ନଗଦ କିମ୍ବା ଇଲେକ୍‌ଟ୍ରୋନିକ୍ ଫର୍ମାଟ୍‌ରେ ଦାଖଲ କରିଥିବା ଦେୟଗୁଡ଼ିକ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ହେଡ୍ ଅଫ୍ ଆକାଉଣ୍ଟରେ ଦାଖଲ ହେବ। ଏହି ଅର୍ଥରାଶିକୁ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠିରେ ଜମା ରଖାଯିବ। ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଇସ୍ତଫା ଗ୍ରହଣ କିମ୍ବା ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ କରିବା ପାଇଁ ପତ୍ରରେ ପ୍ରସ୍ତାବ ଦିଆଯାଇଛି। ସେହିପରି ରାଜ୍ୟ କମିଶନର ସଭାପତି ଓ ସଭ୍ୟମାନଙ୍କର ଦରମା ଓ ଭତା ଆଦି ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ନୂତନ ଆଇନ ଅନୁଯାୟୀ ଗଠିତ ହେବାକୁ ଥିବା ଖାଉଟି ମଧ୍ୟସ୍ଥତା ସେଲ୍ ରାଜ୍ୟ ସରକାରଙ୍କ ଦ୍ୱାରା ସୁପାରିଶ କ୍ରମେ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି। ଇ-କମର୍ସ ଓ ସିଧାସଳଖ ବିକ୍ରି ବ୍ୟବସ୍ଥାରେ ଅନୈତିକ ବ୍ୟବସାୟ ରୋକିବା ଓ ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ଦିଗରେ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସମୁଚିତ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଛି। ନୂତନ ଆଇନରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ଗଠନକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ୱାଗତ କରିଥିବାବେଳେ ଏଥିରେ ଥିବା କିଛି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ନିୟମ ଧାରା ୧୬ ଏବଂ ୧୯ ଅନୁସାରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ କୌଣସି ଖାଉଟି ବିବାଦ ସଂପର୍କରେ ସିଧାସଳଖ ଜିଲ୍ଲାପାଳ ମାନଙ୍କଠାରୁ ରିପୋର୍ଟ ତଲବ କରିବା ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କୁ ଏଡାଇ ସିଧାସଳଖ ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ତଲବ କରବି। ସୁସ୍ଥ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲେଖ କରିବା ସହିତ ଏହା ରାଜ୍ୟ ସରକାରଙ୍କର ଖାଉଟି ବ୍ୟପାର ବିଭାଗ ମାଧ୍ୟମରେ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଧାରା ୧୦(୩)ରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷଙ୍କ ମୁଖ୍ୟାଳୟରେ ନୂଆଦିଲ୍ଲୀରେ ରଖାଯିବାକୁ ବ୍ୟବସ୍ଥା ଥିବାବେଳେ ଓଡ଼ିଶା ସହିତ ସମସ୍ତ ରାଜ୍ୟମାନଙ୍କରେ ଏହାର ଆଂଚଳିକ କାର୍ଯ୍ୟାଳୟ ଖୋଲାଯିବାକୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ରାଜ୍ୟ କିମ୍ବା ଜିଲ୍ଲା କମିଶନର ଖାଉଟି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିବାର କ୍ଷମତା ରହିଥିବାବେଳେ ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ମାମଲା ବିଷୟରେ ପ୍ରଥମେ ରାଜ୍ୟ ସରକାରଙ୍କ ମତାମତ ନେବା ପାଇଁ କୁହାଯାଇଛି। ନୂତନ ଆଇନରେ ଜିଲ୍ଲା ତଥା ରାଜ୍ୟ ଖାଉଟି କମିଶନରେ ସଭାପତି ଓ ସଦସ୍ୟମାନଙ୍କର ନିଯୁକ୍ତି ସଂପର୍କରେ ଚୟନ ପ୍ରକ୍ରିୟା, ନିଯୁକ୍ତି ସର୍ତାବଳୀ, ନିଯୁକ୍ତି ଅବଧି, ଇସ୍ତଫା, ଅପସାରଣ ଆଦି କ୍ଷମତା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବାବେଳେ ଏହାକୁ ପରିବର୍ତ୍ତନ କରି ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା କାୟମ ରଖିବା ଉପରେ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲା ଓ ରାଜ୍ୟ ଆୟୋଗର ସଭାପତି ଓ ସଦସ୍ୟମାନଙ୍କର ଦରମା ଓ ଭତା ଆଦି ଖର୍ଚ୍ଚ ବ୍ୟତୀତ ଏହାର ପରିଚାଳନାଗତ ଖର୍ଚ୍ଚର ୭୫ ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏତଦ୍‌ବ୍ୟତୀତ ମହିଳାମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଦିଗରେ ଆୟୋଗରେ ଜଣେ ମହିଳା ସଦସ୍ୟା ରଖିବା ପାଇଁ ବାଧ୍ୟତାମୂଳକ ବୋଲି ପ୍ରସ୍ତାବ ଦେଇଛନ୍ତି। ନୂତନ ଆଇନ ରେ ଥିବା ଖାଉଟି ମଧ୍ୟସ୍ଥତା ବ୍ୟବସ୍ଥାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶଂସା କରିବା ସହିତ ମଧ୍ୟସ୍ଥତା ନିମନ୍ତେ ୬୦ ଦିନର ସମୟସୀମା ଧାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଧାର୍ଯ୍ୟ ୬୦ ଦିନ ସମୟସୀମା ମଧ୍ୟରେ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ନହୋଇପାରିଲେ ଏହା ଆୟୋଗ ଦ୍ୱାରା ବିଚାର କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥି ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମାବଳୀ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ରାଜ୍ୟ ସରକାରଙ୍କ ସହିତ ଏ ସଂକ୍ରାନ୍ତରେ ବିସ୍ତୃତ ବିଚାର ଆଲୋଚନା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି।

# ୨୦୧୭-୧୮ରୁ ଆକଳନ ହୋଇନି ଚାଷୀଙ୍କ ଆର୍ଥିକ କ୍ଷତି

**ଭୁବନେଶ୍ୱର :** ରାଜ୍ୟରେ ଗୋଟିଏ କ୍ୱିଣ୍ଟାଲ ଧାନ ଉତ୍ପାଦନ ନିମନ୍ତେ ପ୍ରାୟତଃ ୨୩୪୪ ଟଙ୍କା ଖର୍ଚ୍ଚ ହୋଇଥାଏ ବୋଲି ବିଧାନସଭାରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ କହିଛନ୍ତି। ବିରୋଧି ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ ଶ୍ରୀ ସାହୁ ଏହି ସୂଚନା ଦେବା ସହ ଜମି ଚାଷ କରିବା ନିମନ୍ତେ ହଳ, ଟ୍ରାକ୍ଟର, ପାୱାର ଟ୍ରିଲର ବ୍ୟବହାର, ଶ୍ରମିକ ନିୟୋଜନ ଇତ୍ୟାଦି, ବିହନ ଖତ ଓ ସାରର ବ୍ୟବହାର, କୀଟନାଶକ ଦ୍ରବ୍ୟର ବ୍ୟବହାର, ଜଳସେଚନ ବାବଦରେ ଖର୍ଚ୍ଚ, ବିନିଯୋଗ କରାଯାଉଥିବା ଅର୍ଥ ଉପରେ ସୁଧ, ଜମିର ବ୍ୟବହାର ବାବଦକୁ ଭଡା ଏବଂ ଅମଳ ନିମନ୍ତେ ଖର୍ଚ୍ଚ ଇତ୍ୟାଦିକୁ ମିଶାଇଲେ ଚାଷୀର ଆୟ ତୁଳନାରେ ବ୍ୟୟ କେତେ ତାହାର ମଧ୍ୟ କଳନା କରାଯାଇନାହିଁ। ମନ୍ତ୍ରୀ କହିଛନ୍ତି ଯେ ଦାବୀ ମୁତାବକ ସର୍ବନିମ୍ନ ସହାୟକ ମୂଲ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇନଥିବା ଯୋଗୁଁ ୨୦୧୭-୧୮ ମସିହାରୁ ଚଳିତ ବର୍ଷ ମଧ୍ୟରେ ଚାଷୀଙ୍କ ସମୁଦାୟ ଆର୍ଥିକ କ୍ଷତି କେତେ ହୋଇଛି ତାହା କଳନା କରାଯାଇନାହିଁ। ମାର୍ଚ୍ଚ ୨୫ ୨୦୧୭ ରାଜ୍ୟ ବିଧାନସଭାରେ ଧାନର କୁଇଂଟାଲ ପ୍ରତି ୨୯୩୦ ଟଙ୍କା ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ଅର୍ଥାତ୍ ଧାନ ଚାଷରେ ଚାଷୀ ମାନଙ୍କର ଆୟ ବୃଦ୍ଧି ତଥା ଆର୍ଥିକ ଉନ୍ନତି ନିମନ୍ତେ କ୍ୱିଣ୍ଟାଲ ପ୍ରତି ଖର୍ଚ୍ଚକୁ ନଜରରେ ରଖି ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ଅତିକମ୍‌ରେ ଖର୍ଚ୍ଚ ତୁଳନାରେ ୨୫ ଶତକଡା ଅଧିକ ବୋଲି ମନ୍ତ୍ରୀ ଶ୍ରୀ ସାହୁ ବିଧାନସଭାରେ ସୂଚନା ଦେଇଛନ୍ତି। କିନ୍ତୁ ବିଧାନସଭାରେ ନିର୍ଦ୍ଧାରଣ କରାଯାଇଥିବା କୁଇଂଟାଲ ପ୍ରତି ୨୯୩୦ ଟଙ୍କା ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଧାରଣ କରାଯାଇଥିଲେ ବି ତାହା ୨ ବର୍ଷ ପରେ ବି କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ସହ ଚାଷୀଙ୍କର ସମୁଦାୟ ଆର୍ଥିକ କ୍ଷତି କେତେ ହୋଇଛି ତାହା କଳନା କରିବାରେ ସରକାର ଏଯାଏଁ ପଦକ୍ଷେପ ନେଇପାରିନାହାନ୍ତି। ବିରୋଧି ଦଳ ମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ମାଝୀ ଦାବି ଜଣାଇଛନ୍ତି ଯେ ରାଜ୍ୟ ସରକାର ଚାଷୀଙ୍କର ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ କ୍ଷତି ସଂପର୍କରେ ତୁରନ୍ତ ଅନୁଧ୍ୟାନ କରିବା ସହ କୃଷି ଓ କୃଷକ ସଶକ୍ତିକରଣ ଦିଗରେ ସଠିକ୍ ବା ଯଥାର୍ଥ ପଦକ୍ଷେପ ନିଅନ୍ତୁ। ରାଜ୍ୟର ଚାଷ ଓ ଚାଷୀ ଉଭୟ ଅବହେଳାରେ। ସରକାର ମଧ୍ୟ ସ୍ୱୀକାର କରୁଛନ୍ତି କିନ୍ତୁ ସରକାରୀ ଭାବେ ଯେଉଁଳି ଚାଷୀଙ୍କୁ ସଶକ୍ତିକରଣ ଓ ଚାଷକୁ ଲାଭଦାୟକ କରିବା କଥା ତାହା କରିବା ଦିଗରେ ସରକାର ଦୃଷ୍ଟି ଦେଇନାହାନ୍ତି ଯାହା ସମୁଦାୟ ଆର୍ଥିକ କ୍ଷତି କଳନା କରାଯାଇନଥିବା ମନ୍ତ୍ରୀଙ୍କ ଉତରରୁ ସୂଚନା ମିଳିଛି ବୋଲି ଶ୍ରୀ ମାଝୀ କ୍ଷୋଭର ସହ କହିଛନ୍ତି।



# କେରଳ ମୁଖ୍ୟମନ୍ତ୍ରୀଙ୍କ ସହ ତୈଳ, ଗ୍ୟାସ ଓ ଇସ୍ପାତ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଆଲୋଚନା



**ନୂଆଦିଲ୍ଲୀ :** ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିରୁବନନ୍ତପୁରମ ଠାରେ କେରଳର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସହ ରାଜ୍ୟରେ ବିଭିନ୍ନ ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ତିରୁବନନ୍ତପୁରମ ଗସ୍ତ ଅବସରରେ ଭାରତୀୟ ଧାତୁ ସଂସ୍ଥାନ ୫୭ତମ ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ସମାରୋହ ଓ ତାର ୭୩ ତମ ବାର୍ଷିକ ଟେକ୍ନିକାଲ ବୈଠକରେ ସାମିଲ ହୋଇଛନ୍ତି । ଶ୍ରୀ ପ୍ରଧାନ ଏହି ଅବସରରେ ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ଦିବସ ପୁରସ୍କାର ଓ ଭାରତୀୟ ଧାତୁ ସଂସ୍ଥାନ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ସମାରୋହରେ ସାମିଲ ହୋଇଥିବା ପ୍ରତିନିଧି ମାନଙ୍କୁ ଅପିଲ କରିଥିଲେ ଯେ ଅଧିକ ଆତ୍ମ ନିର୍ଭରତା ପାଇଁ ଉଚ୍ଚ ସ୍ତରର ଷ୍ଟିଲର ଉତ୍ପାଦନର ଆହ୍ୱାନକୁ ସେମାନେ ସ୍ୱୀକାର କରନ୍ତୁ । ଏହି ଅବସରରେ ଶ୍ରୀ ପ୍ରଧାନ ଇସ୍ପାତ କ୍ଷେତ୍ରରେ ଅଧିକ ନିରନ୍ତରତାର ଦିଗରେ କାର୍ଯ୍ୟ କରିବା ଓ ଭାରତୀୟ ସବୁଜ ଅର୍ଥନୀତିର ମଡେଲ ସୃଜନ କରିବା ଦିଗରେ ପ୍ରୋତ୍ସାହିତ କରିଥିଲେ। ଇସ୍ପାତର ଗୁରୁତ୍ୱ ସମ୍ପର୍କରେ ଶ୍ରୀ ପ୍ରଧାନ କହିଥିଲେ ଯେ ଆଧୁନିକ ଅର୍ଥନୀତି ନିର୍ମାଣରେ ଇସ୍ପାତ ସହିତ ଅନ୍ୟ ଧାତୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଇସ୍ପାତର ବ୍ୟବହାର ଓ ଦେଶର ଆର୍ଥିକ ବୃଦ୍ଧି ମଧ୍ୟରେ ଏକ ଶକ୍ତିଶାଳୀ ସକାରାତ୍ମକ ପାରସ୍ପାରିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପାଂଚ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ରାସ୍ତାରେ ଭାରତ ଅଗ୍ରସର ହେଉଛି । ସମସ୍ତଙ୍କ ସାମୁହିକ ପ୍ରୟାସରେ ଏହି ସ୍ୱପ୍ନ ସାକାର ହେବ । ଆମେ ସମସ୍ତଙ୍କୁ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଇସ୍ପାତର ଇଚ୍ଛାଶକ୍ତି ସହ ମିଶି କାମ କରିବାକୁ ହେବ ବୋଲି ସେ କହିଛନ୍ତି।

# ଭୋଟର ତାଲିକା ଯାଞ୍ଚ ଅବଧି ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟରେ ଚାଲୁ ରହିଥିବା ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମର ଅବଧିକୁ ଭୋଟରମାନଙ୍କ ସୁବିଧା ନିମନ୍ତେ ଭାରତର ନିର୍ବାଚନ କମିଶନ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ସୁଦ୍ଧା ମୋଟ ୪,୮୫,୨୪୧ ଗୋଟି ଅର୍ଥାତ୍ ଶତକଡ଼ା ୯୦.୭୭୭ ପ୍ରତିଶତ ଫର୍ମ ସଂଗ୍ରହ କରାଯାଇଛି । ଭୋଟର ତାଲିକାରେ ଅନ୍ତର୍ଭୁକ୍ତ, ବାଦ ପଡ଼ିବା ଏବଂ ଆବଶ୍ୟକ ସଂଶୋଧନ ନିମନ୍ତେ ଯଥାକ୍ରମେ ଫର୍ମ ନଂ-୬,୭ ଏବଂ ୮ ଓ ୮(କ) ଦ୍ୱାରା ଆବେଦନ କରାଯାଇଥାଏ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସହ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଭଲ କାର୍ଯ୍ୟ କରିଥିବା ଜିଲ୍ଲାପାଳମାନଙ୍କୁ ଶ୍ରୀ ଲୋହାନୀ ପ୍ରଶଂସା କରିବା ସହ ନଭେମ୍ବର ୩୦ ସୁଦ୍ଧା ଶତପ୍ରତିଶତ ଆବଶ୍ୟକ ଫର୍ମ ସଂଗ୍ରହ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଭୋଟରମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ।




ଭୋଟରମାନେ ମଧ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲ୍ୟୁ.ଏନ୍‌ଭିଏସ୍ପି.ଇନ୍‌କୁ ଯାଇ ନିଜେ ନିଜେ ସେମାନଙ୍କର ଭୋଟର ତାଲିକା ଦେଖିବା ସହ ତ୍ରୁଟି ଥିଲେ ଆବଶ୍ୟକ ସଂଶୋଧନ କରିପାରିବେ । ଏତଦ୍‌ବ୍ୟତୀତ ସବୁ ଉପଖଣ୍ଡ ଅଧୀନରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ର, ଜନସେବାକେନ୍ଦ୍ର, ବି.ଏଲ୍.ଓ କିମ୍ବା ୧୯୫୦କୁ ଫୋନ୍ କରି ଭୋଟର ତାଲିକାର ଯାଂଚ କାର୍ଯ୍ୟକ୍ରମ ସଂପର୍କରେ ଜାଣିପାରିବେ ଓ ଆବଶ୍ୟକ ସଂଶୋଧନ କରାଇପାରିବେ । ଏହାପରେ ଆସନ୍ତା ୨୦୧୯ ଡିସେମ୍ବର ୧୬ ତାରିଖରେ ଡ୍ରାଫଟ୍ ଭୋଟର ତାଲିକା ପ୍ରକାଶ ପାଇବ । ଏ ସଂପର୍କିତ ଦାବି ଓ ଆପତି ଆସନ୍ତା ୨୦୧୯ ଡିସେମ୍ବର ୧୬ରୁ ୨୦୨୦ ଜାନୁଆରୀ ୧୫ ତାରିଖ ମଧ୍ୟରେ ଗ୍ରହଣ କରାଯିବ । ୨୦୨୦ ଜାନୁଆରୀ ୨୭ ତାରିଖରେ ଦାବି ଓ ଆପତିର ଫଇସଲା କରାଯାଇ ୨୦୨୦ ଫେବୃଆରୀ ୭ ତାରିଖ(ଶୁକ୍ରବାର) ଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଅଭୟ କୁମାର ନାୟକ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ରାୟ ଓ ଶ୍ରୀ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନୀତି ରଞ୍ଜନ ସେନ୍, ଇଞ୍ଜିନିୟର ଶ୍ରୀ ଇଦ୍ରିଶ୍ ଖାନ୍‌ଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ବାରିପଦା ପୌରପରିଷଦ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

# ସହର ସାରା କୁଢ଼ କୁଢ଼ ଅଳିଆ

**ବାରିପଦା:** ବାରିପଦା ପୌରପରିଷଦର ସଫେଇ କର୍ମଚାରୀମାନଙ୍କୁ ଦରମା ମିଳିନଥିବାରୁ ୨୩୬ରୁ ଅଧିକ ଆଉଟ ସୋର୍ସିଂ ଠିକା ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ସହରରେ ସଫେଇ କାର୍ଯ୍ୟ ଠପ୍ ହୋଇଥିବାର ଦେଖିବାକୁ ମିଳିଛି । ସଫେଇ କର୍ମଚାରୀମାନେ ପୌରପରିଷଦରେ ଏକତ୍ରିତ ହୋଇ ଆନ୍ଦୋଳନ ଆରମ୍ଭ କରିଥିଲେ। ଫଳରେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ପଡ଼ିରହିଛି । ମହିଳା ସଫେଇ କର୍ମଚାରୀ ସଞ୍ଜୁ ଟୁଡୁଙ୍କ କହିବା ଅନୁସାରେ ଭୁବନେଶ୍ୱରର ଉତ୍କଳ ଫେସିଲିଟି ସାର୍ଭିସେସ ପ୍ରା. ଲିଃ. ବାରିପଦା ପୌରପରିଷଦର ସଫେଇ ଟେଣ୍ଡର ନେବା ପରେ କର୍ମଚାରୀମାନଙ୍କୁ ପ୍ରତ୍ୟେକ ମାସ ୭ରୁ ୧୦ ତାରିଖ ମଧ୍ୟରେ ଦରମା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଦରମା ଦେବା ଦୂରର କଥା ତାର ଦେଖା ଦର୍ଶନ ମିଳୁନାହିଁ । ଟଙ୍କା ନ ମିଳିଲେ ପର୍ବ ପାର୍ବଣୀ ମାନିବା ଏବଂ ପରିବାର ମୁହଁରେ ଆହାର ଦେବା କିପରି ବୋଲି ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ଦରମା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କହିଥିଲେ। ସେହିପରି ପୌରପରିଷଦର ୧୫ ନମ୍ବର ୱାର୍ଡ଼ର ସୁପରଭାଇଜର ଭାବେ କାର୍ଯ୍ୟକରୁଥିବା କୁଶ କିଶୋର ବେହେରା ସଫେଇ କର୍ମଚାରୀମାନେ ୪୨ ଦିନ ହେବ କାର୍ଯ୍ୟକରି ଦରମା ପାଇପାରୁ ନାହାନ୍ତି। ଠିକାଦାରଙ୍କ କୌଣସି ଠିକ୍ ଠିକଣା ନାହିଁ। ସଫେଇ କର୍ମଚାରୀମାନଙ୍କୁ ନୀତି ନିୟମ ଅନୁସାରେ ସୁବିଧା ସୁଯୋଗ ଯୋଗାଇ ଦିଆଯାଉନାହିଁ ବୋଲି କହିବା ସହ ଠିକଦାର ପକ୍ଷରୁ ଯେଉଁ ଆଇଟେଣ୍ଟି କାର୍ଡ଼ ଇସ୍ୟୁ କରାଯାଇଛି ତାର ବୈଧତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଯୋଗ୍ୟ, ବାରିପଦା ପୌରପରିଷଦର ୨୮ଟି ୱାର୍ଡ଼ରୁ ଦୈନିକ ହାରାହାରି ୫୫ ରୁ ୬୦ ଟନ ଆବର୍ଜନା ବାହାରିଥାଏ। ଉକ୍ତ ଅଳିଆକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଆବଶ୍ୟକୀୟ ମେନ ପାୱାରର ଅଭାବ ରହୁଥିବାରୁ ସହରର ସମସ୍ତ ସ୍ଥାନରୁ ଦୈନିକ ଅଳିଆ ଆବର୍ଜନା ଉଠାଇବା ସମ୍ଭବ ହୋଇପାରିନଥାଏ । ସେହି ସମୟରେ ସଫେଇ କର୍ମଚାରୀମାନଙ୍କ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ସହରର ପରିମଳ ବ୍ୟବସ୍ଥାକୁ ବିଶେଷ ଭାବେ ପ୍ରଭାବିତ କରାଇବାର ସମ୍ଭାବନା ସୃଷ୍ଟି କରାଇଛି।



# ପାରାଦୀପ ବନ୍ଦର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି : ଅଧ୍ୟକ୍ଷ




**ପାରାଦୀପ :** ସାଧବ ପୁଅଙ୍କ ଜଳଯାତ୍ରାର ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରାଦ୍ୱୀପ ବନ୍ଦର ନ୍ୟାସ ପକ୍ଷରୁ ବୋଇତ ବନ୍ଦାଣ ଓ ବନ୍ଦର ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ରୀତି ନିତି ଓ ପରମ୍ପରା ଅନୁଯାୟୀ ବନ୍ଦର ପ୍ରଶାସନ ପକ୍ଷରୁ ବେଶ୍ ଚିତ୍ତାକର୍ଷକ ଢଙ୍ଗରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରାଯାଇଥିଲା । ପାରାଦ୍ୱୀପ ବନ୍ଦର ନିଷିଦ୍ଧାଞ୍ଚଳ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାବେ ଯୋଗଦେଇ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ କହିଲେ ଯେ ୧୯୬୬ ମସିହାରେ ବନ୍ଦର ମଧ୍ୟରେ ପଣ୍ୟ କାରବାର ଆରମ୍ଭ ହୋଇଥିଲା ୧୯୯୫ ମସିହାରେ ପଣ୍ୟ କାରବାର ବୃଦ୍ଧି ପାଇ ୧୦ ମିଲିୟନ ମେଟ୍ରିକ ଟନରେ ପହଞ୍ଚିଥିଲା । ୨୦୧୦ ମସିହାସୁଦ୍ଧା ଏହା ୫୦ ମିଲିଅନ ମେଟ୍ରିକ୍ ଟନ୍ ଓ ୨୦୧୭ - ୧୮ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୧୦୦ ମିଲିଅନ ମେଟ୍ରିକ୍ ଟନ୍ ଅତିକ୍ରମ କରିବା ସହ ସାରା ଦେଶରେ ପାରାଦୀପ ବନ୍ଦର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ଶ୍ରୀ ରାୟ କହିଛନ୍ତି । ଏଥି ସହିତ ପାରାଦ୍ୱୀପ ବାସିନ୍ଦା ତଥା ଅଞ୍ଚଳର ଉନ୍ନତି ନିମନ୍ତେ ବନ୍ଦର ପକ୍ଷରୁ ୪.୫୦୦ କୋଟି ଟଙ୍କା ବିନିମୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବା ସହ ୩ଟି ସ୍ୱେରେଜ ପ୍ଲାଣ୍ଟ ନିର୍ମାଣ ଚାଲିଛି । ଏହା ବନ୍ଦର କର୍ମଚାରୀ ଓ ବନ୍ଦର ସହ ଜଡିତ କର୍ମଚାରୀଙ୍କ ହିତ ଦୃଷ୍ଟିରୁ ସମସ୍ତଙ୍କ ପାଇଁ ବୀମା ଓ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟକୁ ଯିବା ଆସିବା ପାଇଁ ବସର ବ୍ୟବସ୍ଥା କରାଯାଇଛି । ପରିବେଶ ହିତ ଦୃଷ୍ଟିରୁ ରାସ୍ତା ସଫା ପାଇଁ ସଫେଇ ମେସିନ ଓ ସମ୍ପୂର୍ଣ୍ଣ ଅଞ୍ଚଳକୁ ସବୁଜିମା କରିବା ପାଇଁ ଆସନ୍ତା ୨୦୨୦ ମାର୍ଚ୍ଚ ସୁଦ୍ଧା ୫୦ ହଜାର ଗଛ ଲଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଠରବାଙ୍କୀ ନିକଟରେ ଆଉ ଏକ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଥିବା ଶ୍ରୀରାୟ ସୂଚନା ଦେଇଛନ୍ତି । ଏହା ଦ୍ୱାରା ଟ୍ରକ ଯାତାୟତ ଯୋଗୁଁ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ମିଳିପାରିବ ବୋଲି ମହାପାତ୍ର ସ୍ୱାଗତ ଭାଷଣରେ ଏହି ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ହସ୍ପିଟାଲ ମୁଖ୍ୟ ଚିକିତ୍ସାଅଧିକାରୀ ଡା. ପ୍ରହ୍ଲାଦ ପଣ୍ଡା, ସିଏମ୍‌ଇ ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରେବତୀକାନ୍ତ ଶାସ୍ତ୍ରୀଙ୍କ ୧୨ତମ ସ୍ମୃତିସଭା ଓ ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର :** ବିଶିଷ୍ଟ ଲେଖକ ତଥା ଜ୍ୟୋତିର୍ବିଦ୍ ଓ ଆଇନଜୀବୀ ସ୍ୱର୍ଗତ ରେବତୀକାନ୍ତ ଶାସ୍ତ୍ରୀଙ୍କ ୧୨ତମ ସ୍ମୃତିସଭା ଓ ସ୍ମାରକୀ ବକ୍ତୃତା ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଶାସ୍ତ୍ରୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସ୍ମାରକ ବକ୍ତା ଜନ୍ମେଜୟ ଲେଙ୍କା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଓକିଲ ସଂଘର ସଭାପତି ବୀରେନ୍ଦ୍ର ପଟ୍ଟନାୟକ, ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ଶ୍ରୀନିବାସ ରଥ ଓ ମୁଖ୍ୟବକ୍ତା ଭାବେ ଶ୍ରୀମନ୍ଦିର ସ୍ୱତନ୍ତ୍ର ଅଧିକାରୀ ବୈକୁଣ୍ଠ ନାଥ ନାୟକ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ନାରାୟଣ ମଲ୍ଲିକ ସ୍ୱାଗତ ଭାଷଣ ଦେଇ ରେବତୀକାନ୍ତଙ୍କ ଜ୍ୟୋତିଷଶାସ୍ତ୍ର ପ୍ରତି ଅବଦାନ ପାଇଁ ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ଦେବାକୁ ଦାବି କରିଥିଲେ। ଚଳିତ ବର୍ଷ ପରିଷଦ ଦ୍ୱାରା ଆୟୋଜିତ ଜ୍ୟୋତିଷ ପ୍ରବେଶ ଓ ପ୍ରବୀଣ ପରୀକ୍ଷାରେ ଶ୍ରେଷ୍ଠ ଦୁଇଜଣ ଛାତ୍ରଙ୍କୁ ଶୀଳଭଦ୍ର ଶାସ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ମହାପାତ୍ର, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନରଞ୍ଜନ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ବିଶ୍ୱନାରାୟଣ ମହାନ୍ତି, ଅଶୋକ କୁମାର ପାତ୍ର, ଆତ୍ମପ୍ରକାଶ ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର, ରମାକାନ୍ତ ରାଉତରାୟ ଓ ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି